# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 18, DATE : 01.01.2026 - 15.01.2026 FORTNIGHTLY (ODIA), BHUBANESWAR. PAGES-08

## ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ବରିଷ୍ଠ ରାଜ୍ୟ ନେତ୍ରୀ କମ୍ରେଡ ବୀଣାପାଣି ଦାସଙ୍କ ଜୀବନାବସାନରେ

## ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଶୋକ ପ୍ରସ୍ତାବ

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ସଂପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟା ତଥା ଓଡ଼ିଶାର ବିଶିଷ୍ଟ ଜନ ନେତ୍ରୀ କମ୍ରେଡ ବୀଣାପାଣି ଦାସ ୨୦୨୫ ଡ଼ିସେମ୍ବର ୨୨ ତାରିଖ ସନ୍ଧ୍ୟା ୮ ଟା ୧୫ ମିନିଟ୍ ସମୟରେ ପ୍ରାୟ ୭୯ ବର୍ଷ ବୟସରେ ଭୁବନେଶ୍ୱର ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ବିଭିନ୍ନ ଧରଣର ଶାରୀରିକ ଅସୁସ୍ଥତା ପାଇଁ ଗତ କିଛି ବର୍ଷ, ବିଶେଷ କରି ଗତ ଏକ ବର୍ଷ ଧରି ଚିକିତ୍ସିତ ହେଉଥିଲେ। ସେ ବିପ୍ଳବୀ ମହିଳା ସଂଗଠନ, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ପୂର୍ବତନ ରାଜ୍ୟ ସଭାପତି ଏବଂ ସର୍ବଭାରତୀୟ ଉପସଭାପତି ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ମାନଙ୍କ ସମେତ ତାଙ୍କ ଚିକିତ୍ସା ସହିତ ସଂପୃକ୍ତ ଡାକ୍ତରଖାନାର ସମସ୍ତ କର୍ମଚାରୀ ତଥା ସମଗ୍ର ରାଜ୍ୟର କମ୍ରେଡ ମାନଙ୍କର ସମସ୍ତ ପ୍ରକାର ଆନ୍ତରିକ ଉଦ୍ୟମ ସତ୍ତ୍ୱେ ତାଙ୍କ ଅମୂଲ୍ୟ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ।



କମ୍ରେଡ ବୀଣାପାଣି ଦାସଙ୍କ ଦୁଃଖଦ ମୃତ୍ୟୁ ଶେଷ ପର୍ଯ୍ୟନ୍ତ ସାଢ଼େ ପାଂଚ ଦଶନ୍ଧି ବ୍ୟାପି ଗୋଟିଏ ଗୌରବମୟ ବିପ୍ଳବୀ ଜୀବନ ସଂଗ୍ରାମର ଅନ୍ତ ଘଟାଇଲା। ତାଙ୍କ ପରିବାରର ରାଜନୈତିକ ପୃଷ୍ଠଭୂମି ଯୋଗୁ ଅତ୍ୟନ୍ତ ଅଳ୍ପ ବୟସରେ କମ୍ରେଡ ବୀଣାପାଣି ଦାସ ଆମର ପ୍ରିୟ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସଂସ୍ପର୍ଶରେ ଆସିଥିଲେ। ପରିବାର ମଧ୍ୟରେ ସ୍କୁଲରେ ପଢୁଥିବା ସମୟରେ ହିଁ ସର୍ବହାରର ମହାନ୍ ନେତା, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ସହିତ ତାଙ୍କର ପ୍ରାଥମିକ ପରିଚିତି ଘଟିଥିଲା। ରାଉରକେଲା ଠାରେ ଆମ ଦଳର ପ୍ରିୟ ପୂର୍ବତନ ରାଜ୍ୟ ସଂପାଦକ କମ୍ରେଡ୍ ତାପସ ଦତ୍ତଙ୍କ ଘନିଷ୍ଠ ବିପ୍ଳବୀ ସାନ୍ନିଧ୍ୟ ପାଇବା ପରେ ସେ ତାଙ୍କର ସମଗ୍ର ଜୀବନ ମାର୍କ୍ସବାଦ-ଲେନିନବାଦ-କମ୍ରେଡ ଶିବଦାସ ଘୋଷଙ୍କ ବିପ୍ଳବୀ ଆଦର୍ଶ ଭିତ୍ତିରେ ଶୋଷିତ ଜନସାଧାରଣଙ୍କ ବିପ୍ଳବୀ ସଂଗ୍ରାମରେ ନିଜକୁ ସାମିଲ କରିବାକୁ ଜୀବନର ଏକମାତ୍ର ଲକ୍ଷ୍ୟ ଭାବରେ ଗ୍ରହଣ କରିଥିଲେ। ଏହାହିଁ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା ଏବଂ ମହାନ୍ ବିପ୍ଳବୀ ଜୀବନର ଅଙ୍କା ବଙ୍କା ରାସ୍ତାକୁ ସାମନା କରି ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ ସେହି ରାସ୍ତାରେ ଅବିଚଳିତ ରହିଥିଲେ।

ସେ ଓଡ଼ିଶାରେ ଆମ ମହାନ ଦଳର ପ୍ରଥମ ମହିଳା କର୍ମୀ ଥିଲେ, ରାଜ୍ୟର ମଧ୍ୟ ହାତ ଗଣତି ମହିଳା ରାଜନୈତିକ କର୍ମୀ ମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ। ସେହି ସମୟରେ ଏହା ଏକ ଅତ୍ୟନ୍ତ କଷ୍ଟଦାୟକ ସଂଗ୍ରାମ ଥିଲା, କାରଣ ସେତେବେଳର ରକ୍ଷଣଶୀଳ ସାମାଜିକ ପରିବେଶରେ ପୁରୁଷ ମାନଙ୍କ ସହିତ ସମାନ ଭାବରେ ବିପ୍ଳବୀ ରାଜନୈତିକ ଆନ୍ଦୋଳନରେ ଅଂଶଗ୍ରହଣ କରିବାପାଇଁ ସାଧାରଣତଃ ମହିଳାମାନେ ଆଗୁସାର ହେଉନଥିଲେ। କିନ୍ତୁ କମ୍ରେଡ ବୀଣାପାଣି ଦାସଙ୍କର ଉତ୍ସର୍ଗୀକୃତ, ଏକାଗ୍ର ଏବଂ ମର୍ଯ୍ୟାଦାମୟ ବିପ୍ଳବୀ ଜୀବନ ସଂଗ୍ରାମ ଯୋଗୁ ସେ ଏହି କଷ୍ଟସାଧ୍ୟ ସଂଗ୍ରାମର ଆବର୍ତ୍ତ ମଧ୍ୟରେ ବି ତାଙ୍କର ମର୍ଯ୍ୟାଦାଜନକ ଉପସ୍ଥିତି ନିଶ୍ଚିତ କରିପାରିଥିଲେ। ତାଙ୍କର ଉତ୍ସର୍ଗୀକୃତ ଓ ମର୍ଯ୍ୟାଦାବନ୍ତ ବିପ୍ଳବୀ ଜୀବନ ସଂଗ୍ରାମ ଯୋଗୁ ରାଜନୈତିକ ଦଳ ଓ ମତବାଦ ନିର୍ବିଶେଷରେ ତାଙ୍କ ସଂସ୍ପର୍ଶରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତି, ଏପରିକି ତାଙ୍କର ଦୃଢ଼ ରାଜନୈତିକ ବିରୋଧୀ ମାନେ ମଧ୍ୟ ତାଙ୍କୁ ଭଲପାଉଥିଲେ ଓ ସମ୍ମାନ ପ୍ରଦର୍ଶନ କରୁଥିଲେ। ତାଙ୍କୁ ସମସ୍ତେ ଭଲ ପାଉଥିଲେ ଏବଂ ବୟସରେ ସାନ ହୁଅନ୍ତୁ କି ବଡ ତାଙ୍କୁ 'ବୀଣା ଅପା' ଭାବରେ ସମ୍ବୋଧନ କରୁଥିଲେ। ତାଙ୍କ ରାଜନୈତିକ ଜୀବନର ଆଦ୍ୟ ପର୍ଯ୍ୟାୟରେ ରାଉରକେଲା ଠାରେ ଛାତ୍ର ସଂଗଠନ ଏଆଇଡିଏସଓ ସହିତ ଯୁକ୍ତ ଥାଇ କମ୍ରେଡ ବୀଣାପାଣି ଦାସ ଓଡ଼ିଶାର ଛାତ୍ର ଆନ୍ଦୋଳନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ସେ ଏଆଇଡିଏସଓର ରାଜ୍ୟ କମିଟି ସଭ୍ୟ ଥିଲେ ଏବଂ ୧୯୭୪ ମସିହାରେ କଟକ ବାରବାଟି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଥିବା ସଙ୍ଗଠନର ପ୍ରଥମ ସର୍ବଭାରତୀୟ ସମ୍ମିଳନୀରେ କାଉନସିଲ ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ।

ଏହାପରେ ବିଗତ ଶତାବ୍ଦୀର ସତୁରୀ ଦଶକର ଆଦ୍ୟ ପର୍ଯ୍ୟାୟରେ ତାଙ୍କ ଯୌବନର ଆଦ୍ୟ କାଳରେ ଛାତ୍ର ସଙ୍ଗଠନର ସକ୍ରିୟ କାର୍ଯ୍ୟକଳାପ ସହିତ ଭଣ୍ଡାରିପୋଖରୀ ବ୍ଲକ୍ ସମେତ ଯାଜପୁର ଜିଲ୍ଲାର କୋରେଇ ବ୍ଲକର ସଂଖଚିଲା ଓ ବିଂଝାରପୁର ବ୍ଲକ୍‌ରେ ଚାଷୀ ଆନ୍ଦୋଳନ ଓ ଚାଷୀ ସଂଗଠନ ଗଢ଼ିତୋଳିବା ପାଇଁ ତାଙ୍କୁ ରାଉରକେଲାରୁ ବର୍ତ୍ତମାନର ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଅଂଚଳକୁ ପଠାଯାଇଥିଲା।




ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟ




ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି କଟକ ଜିଲ୍ଲା କାର୍ଯ୍ୟାଳୟ

ପରବର୍ତ୍ତୀ ସମୟରେ ଏଆଇଡିଏସ୍‌ଓର ସର୍ବଭାରତୀୟ ସମ୍ମିଳନୀ ପୂର୍ବରୁ ତାଙ୍କୁ କଟକ ପଠାଯାଇଥିଲା।ସେ ସମୟରେ କଟକରେ ପାର୍ଟିର ଗୁରୁତର ଅର୍ଥାଭାବ ଯୋଗୁ କମ୍ରେଡ ତାପସ ଦତ୍ତଙ୍କ ସମେତ କମ୍ରେଡ ବୀଣାପାଣି ଦାସ ଓ ମୁଷ୍ଟିମେୟ ଅନ୍ୟ ଉତ୍ସର୍ଗୀକୃତ ସର୍ବକ୍ଷଣ କର୍ମୀ ଦିନ ଦିନ ଧରି ଉପଯୁକ୍ତ ଖାଦ୍ୟ ଖାଇବାକୁ ମଧ୍ୟ ପାଉ ନଥିଲେ। ପାର୍ଟିର ସେହି କଷ୍ଟ ଦାୟକ ସଂଗ୍ରାମ ସମୟରେ କମ୍ରେଡ୍ ବୀଣାପାଣି ଦାସ ଛାତ୍ର ଛାତ୍ରୀ ମାନଙ୍କୁ ଘରୋଇ ଟିଉସନ୍ କରି ପାର୍ଟି ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ।


କମ୍ରେଡ ତାପସ ଦତ୍ତଙ୍କ ପ୍ରଚେଷ୍ଟା ଓ ପରିଚାଳନାରେ ୧୯୭୪ ମସିହାର ଶେଷ ଭାଗରେ ରାଉରକେଲାଠାରେ ମହିଳା ସଂଗଠନ ଏଆଇଏମ୍‌ଏସଏସ(AIMSS)ର କାର୍ଯ୍ୟକଳାପ ଆରମ୍ଭ ହୋଇଥିଲା। ମାତ୍ର ୧୯୭୫ ମସିହା ଜୁନ ମାସରେ ଜରୁରୀକାଳୀନ ପରିସ୍ଥିତି ଜାରି ହେବାପରେ ଏଆଇଏମ୍‌ଏସ୍‌ଏସ୍‌ର କାର୍ଯ୍ୟକଳାପ ବ୍ୟାହତ ହୋଇଥିଲା। ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହୃତ ହେବାପରେ ଏବଂ ୧୯୭୭ ମସିହା ସାଧାରଣ ନିର୍ବାଚନ ପରେ ରାଉରକେଲା ଠାରେ ଏଆଇଏମ୍‌ଏସ୍‌ଏସ୍‌ର

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

### ଭିତର ପୃଷ୍ଠାରେ

★ ସାମ୍ୟବାଦର ମୂଳ ନୀତି - ଫ୍ରେଡେରିକ ଏଙ୍ଗେଲ୍ସ
★ କମ୍ରେଡ୍ ବୀଣାପାଣୀ ଦାସଙ୍କ ଅଶୃଳ ଶେଷ ଯାତ୍ରା
★ କେଉଁଝରରେ ପୁଞ୍ଜିପତିମାନଙ୍କ ଦ୍ୱାରା କୃଷି ଜମି ହଡ଼ପ ରୋକିବା ପାଇଁ ଆଦିବାସୀ ଜନସାଧାରଣ ଲଢେଇ ଜାରି ରଖିଛନ୍ତି

## ସାମ୍ୟବାଦର ମୂଳ ନୀତି - ଫ୍ରେଡେରିକ ଏଙ୍ଗେଲ୍ସ



*୧୮୪୭ ମସିହାରେ ମହାନ ଫ୍ରେଡେରିକ ଏଙ୍ଗେଲ୍ସ ପ୍ରଶ୍ନୋତ୍ତରୀ ଢଙ୍ଗରେ କମ୍ୟୁନିଷ୍ଟ ଆଦର୍ଶର ମୂଳ ନୀତିଗୁଡିକୁ ତୋଳିଧରିବା ପାଇଁ ସାମ୍ୟବାଦର ମୂଳନୀତି ବା Princiles of Communism ଦଲିଲଟି ରଚନା କରିଥିଲେ। ସମୁଦାୟ ୨୫ଟି ପ୍ରଶ୍ନ ଓ ଏହାର ଉତ୍ତର ସମ୍ବଳିତ ଏହି ଦଲିଲଟିକୁ ପର୍ଯ୍ୟାୟକ୍ରମେ ସର୍ବହରାକ୍ରାନ୍ତିରେ ପ୍ରକାଶ କରୁଛୁ। ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ଏହି ଦଲିଲଟିର ଶେଷ ଭାଗ ପ୍ରକାଶିତ ହେଉଛି।*

*ସଂପାଦକ- ସର୍ବହରା କ୍ରାନ୍ତି*

**ପ୍ରଶ୍ନ ୧୯ –** କେବଳ କୌଣସି ଗୋଟିଏ ଦେଶରେ ବିପ୍ଳବ ହେବା କଣ ସମ୍ଭବ ?

**ଉତ୍ତର –** ନା। ବିଶ୍ୱବଜାର ସୃଷ୍ଟି କରିବା ମଧ୍ୟଦେଇ ବୃହତ ଶିଳ୍ପ ସମଗ୍ର ପୃଥିବୀର ଜନସାଧାରଣଙ୍କୁ, ବିଶେଷକରି ସିଭିଲାଇଜଡ୍(ଶିଳ୍ପୋନ୍ନତ) ଦେଶଗୁଡିକର ଜନସାଧାରଣଙ୍କୁ ଇତି ମଧ୍ୟରେ ହିଁ ଏତେ ଘନିଷ୍ଠ ପାରସ୍ପରିକ ସଂପର୍କରେ ଆବଦ୍ଧ କରିପକାଇଛି ଯେ, ଗୋଟିଏ ଦେଶର କୌଣସି ଘଟଣାର ପ୍ରଭାବ ଅନ୍ୟଦେଶ ଏଡାଇ ଯାଇପାରିବ ନାହିଁ।

ଏହାବ୍ୟତୀତ ସିଭିଲାଇଜଡ୍(ଶିଳ୍ପୋନ୍ନତ) ଦେଶଗୁଡିକର ସାମାଜିକ ଅଗ୍ରଗତି ଏଭଳି ଏକ ସୁଦୂର ପ୍ରସାରିତ ଢାଞ୍ଚାରେ ଗଢିତୋଳା ହୋଇଛି ଯେ, ସବୁ ଜାଗାରେହିଁ ବୁର୍ଜୁଆଶ୍ରେଣୀ ଓ ସର୍ବହରାଶ୍ରେଣୀ ନିର୍ଣ୍ଣାୟକ ଶ୍ରେଣୀ ହିସାବରେ ଅଧିଷ୍ଠିତ ହୋଇଛି ଏବଂ ଏହି ଦୁଇ ଶ୍ରେଣୀର ପାରସ୍ପରିକ ସଂଗ୍ରାମ ଆଜି ଦିନରେ ପ୍ରଧାନ ସଂଗ୍ରାମ ହିସାବରେ ଦେଖାଦେଇଛି। ସ୍ପଷ୍ଟତଃ କମ୍ୟୁନିଷ୍ଟ ବିପ୍ଳବ ନିଛକ ଜାତୀୟ ଘଟଣା ମଧ୍ୟରେ ସୀମାବଦ୍ଧ ରହିବ ନାହିଁ, ବରଂ ଯୁଗପତ ଭାବରେ ସମସ୍ତ ସିଭିଲାଇଜଡ୍(ଶିଳ୍ପୋନ୍ନତ) ଦେଶରେ ଘଟିବ- ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ ଅନ୍ତତଃ ଇଂଲ୍ୟାଣ୍ଡ, ଆମେରିକା ଫ୍ରାନ୍ସ ଏବଂ ଜର୍ମାନୀରେ ଏକା ସାଙ୍ଗରେ ଘଟିବ।

ଏହି ସମସ୍ତ ଦେଶଗୁଡିକରେ ପ୍ରତ୍ୟେକଟିରେ କମବେଶୀ ଦ୍ରୁତତାର ସହିତ ବିପ୍ଳବ ରୂପ ନେଉଥିବ, ଯଦିଓ ବିଭିନ୍ନ ଦେଶରେ ଶିଳ୍ପ ବିକାଶ, ସଂପଦ ଏବଂ ଉତ୍ପାଦିକା ଶକ୍ତିର ବ୍ୟାପକତାର ବୈଶିଷ୍ଟ୍ୟପୂର୍ଣ୍ଣ ପାର୍ଥକ୍ୟ ଉପରେ ନିର୍ଭରକରି କିଛି ତାରତମ୍ୟ ଘଟିବ। ସେହି କାରଣରୁ ହିଁ ଜର୍ମାନୀରେ ଏହି ବିପ୍ଳବର ଗତି ସବୁଠାରୁ ମନ୍ଥର ହେବ ଏବଂ ସର୍ବାଧିକ ବାଧାର ସମ୍ମୁଖୀନ ହେବ, ଏବଂ ଇଂଲ୍ୟାଣ୍ଡରେ ସବୁଠାରୁ ଦ୍ରୁତ ହେବ ଏବଂ ଏଠାରେ ବାଧା ସବୁଠାରୁ କମ ହେବ। ବିଶ୍ୱର ଅନ୍ୟାନ୍ୟ ଦେଶରେ ମଧ୍ୟ ଏହାର ଶକ୍ତିଶାଳୀ ପ୍ରଭାବ ପଡିବ ଏବଂ ସେହି ସମସ୍ତ ଦେଶର ଅଗ୍ରଗତିର ଧାରାରେ ମୌଳିକ ପରିବର୍ତ୍ତନ ଆଣିବ। ଏତେଦିନ ଧରି ଯେଉଁ ଗତିରେ ଏହି ସମସ୍ତ ଦେଶରେ ଉନ୍ନୟନର ଧାରା ପ୍ରବାହିତ ହେଉଥିଲା ସେତେବେଳେ ତାହା ଦ୍ରୁତତର ହୋଇଯିବ। ଏହି ବିପ୍ଳବ ବିଶ୍ୱଜନୀନ, ସେଥିପାଇଁ ଏହାର ଆଭିମୁଖ୍ୟ ମଧ୍ୟ ବିଶ୍ୱଜନୀନ।

**ପ୍ରଶ୍ନ ୨୦ –** ବ୍ୟକ୍ତି ସଂପତ୍ତିର ଚୂଡାନ୍ତ ବିଲୁପ୍ତିର ପରିଣତି କ'ଣ ହେବ?

**ଉତ୍ତର –** ଉତ୍ପାଦିକା ଶକ୍ତି ଓ ବ୍ୟବସାୟ ବାଣିଜ୍ୟ ଏବଂ ଉତ୍ପାଦିତ ପଣ୍ୟର ବିନିମୟ ଓ ବଣ୍ଟନ ସହ ସମଗ୍ର ବ୍ୟବସ୍ଥାଟି ସମାଜ, ପୁଞ୍ଜିପତିମାନଙ୍କ ନିକଟରୁ ଅଧିଗ୍ରହଣ କରିବ ଏବଂ ଉପଲବ୍ଧ ସଂପଦ ଓ ସମଗ୍ର ସମାଜର ପ୍ରୟୋଜନର କଥା ବିବେଚନା କରି ପରିକଳ୍ପନା ଅନୁଯାୟୀ ପରିଚାଳନା କରିବେ। ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବିଷୟ ହେବ, ବୃହତ ଶିଳ୍ପ ପରିଚାଳନା ବ୍ୟବସ୍ଥା ଯେଉଁ ମନ୍ଦ ପରିଣତି ଡାକିଆଣେ ତାର ଅବଲୁପ୍ତି ଘଟିବ।

ସେତେବେଳେ ଆଉ କୌଣସି ସଂକଟ ରହିବ ନାହିଁ। ଉତ୍ପାଦନର ବିସ୍ତୃତି ଯାହା ବର୍ତ୍ତମାନ ବ୍ୟବସ୍ଥାରେ ଅତି ଉତ୍ପାଦନ ଏବଂ ବିରାଜମାନ ଦୁଃଖ-ଦୁର୍ଦ୍ଦଶାର କାରଣ ସେତେବେଳେ ସେଟାହିଁ ନିଅଣ୍ଟିଆ ହୋଇପଡିବ ଏବଂ ଉତ୍ପାଦନର ଆହୁରୁ ବୃଦ୍ଧି ପ୍ରୟୋଜନ ହେବ। ଉତ୍ପାଦନ ବୃଦ୍ଧି ସେତେବେଳେ ଦୁର୍ଗତିକୁ ଜନ୍ମ ଦେବନାହିଁ; ସମାଜର ପ୍ରାଥମିକ ପ୍ରୟୋଜନ ଅତିକ୍ରମ କରି ପ୍ରତ୍ୟେକ ଯେଭଳି ସନ୍ତୋଷଜନକ ଭାବରେ ନିଜ ନିଜର ପ୍ରୟୋଜନ ଅନୁଯାୟୀ ପାଆନ୍ତି ତାହା ନିଶ୍ଚିତ କରିବ। ଏକା ସାଙ୍ଗରେ ନୂଆ ନୂଆ ଚାହିଦାର ସୃଷ୍ଟି ଏବଂ ସେହି ଚାହିଦା ପୂରଣର ବ୍ୟବସ୍ଥା କରାଯିବ। ଏହାହେବ ନୂଆ ପ୍ରଗତିର ସର୍ତ୍ତ ଓ ପ୍ରେରଣା, ଯେଉଁଠାରେ, ଅତୀତରେ ପ୍ରଗତିର ସମସ୍ତ ପର୍ଯ୍ୟାୟରେ ଯେଭଳି ଘଟିଛି, ସେହିଭଳି ଭାବରେ ସମଗ୍ର ସମାଜକୁ ଆଉ ବିଶୃଙ୍ଖଳା ମଧ୍ୟରେ ନିମଗ୍ନକରି ଛାଡି ଦିଆଯିବନାହିଁ। ବୃହତ ଶିଳ୍ପ ବ୍ୟକ୍ତିଗତ ସଂପତ୍ତିର ନିୟନ୍ତ୍ରଣ ମୁକ୍ତ ହୋଇ ବୃଦ୍ଧିର ଏଭଳି ସ୍ତରରେ ପହଂଚିବ ଯେ, ତା ତୁଳନାରେ ଆଜି ଉତ୍ପାଦନର ଯେଉଁ ପ୍ରାଚୁର୍ଯ୍ୟ ଆମେ ଦେଖୁଛୁ ତାହା ତୁଚ୍ଛ ହୋଇଯିବ। ଶିଳ୍ପର ଏହି ଆଗ୍ରଗତିକୁ ଯଥେଷ୍ଟ ପରିମାଣର ଉତ୍ପାଦନ ବୃଦ୍ଧି କାର୍ଯ୍ୟରେ ଲଗାଯିବ, ଯେଭଳି ସମାଜର ସମସ୍ତେ ନିଜ ନିଜର ପ୍ରୟୋଜନ ପୂରଣ କରିବା ଭଳି ସାମଗ୍ରୀ ପାଇପାରନ୍ତି।

ଏହା କୃଷି କ୍ଷେତ୍ରରେ ମଧ୍ୟ ସତ୍ୟ। କୃଷି ମଧ୍ୟ ବ୍ୟକ୍ତି ସଂପତ୍ତିର ଚାପରେ ଧଇଁ ସଇଁ ହେଉଛି ଏବଂ ବ୍ୟକ୍ତି ମାଲିକାନାଧିନ ଛୋଟ ଛୋଟ ଜମିରେ ବିଭକ୍ତ ହୋଇ ରହିଛି। ଏ କ୍ଷେତ୍ରରେ ମଧ୍ୟ ଆଧୁନିକ ଉନ୍ନତ ବୈଜ୍ଞାନିକ ପ୍ରଯୁକ୍ତି ବ୍ୟବହାର କରାହେବ, ଯାହାଫଳରେ ସମଗ୍ର ସମାଜର ଚାହିଦା ପୂରଣ ନିଶ୍ଚିତ କରିବାପାଇଁ ଯାବତୀୟ କୃଷିପଣ୍ୟ ଉତ୍ପାଦନର ଲକ୍ଷ୍ୟରେ ସମାଜ ଦ୍ରୁତ ଗତିରେ ଅଗ୍ରସର ହୋଇପାରିବ।

ଏହିଭଳି ଭାବରେ ଉତ୍ପାଦନର ଏତେ ପ୍ରାଚୁର୍ଯ୍ୟ ସୃଷ୍ଟି କରାଯିବ ଯାହାଫଳରେ କି ସମାଜର ସମସ୍ତ ସଦସ୍ୟ ମାନଙ୍କର ଯାହା ଯାହା ଦରକାର ତାହା ପୂରଣ କରାଯାଇପାରିବ।

ପାରସ୍ପରିକ ଶତ୍ରୁ ଭାବନାପନ୍ନ ବିଭିନ୍ନ ଶ୍ରେଣୀରେ ବିଭକ୍ତ ସମାଜ ଅପ୍ରୟୋଜନୀୟ ହୋଇଯିବ। ଅବଶ୍ୟହିଁ, ନୂତନ ସମାଜବ୍ୟବସ୍ଥାରେ କେବଳ ଅପ୍ରୟୋଜନୀୟ ନୁହେଁ, ଅସହନୀୟ ହୋଇଯିବ। ଶ୍ରମବିଭାଜନର ଉଦ୍ଭବ ଓ ସମାଜରେ ଶ୍ରେଣୀର ଜନ୍ମ ହୋଇଥିଲା। ଏହି ଶ୍ରମବିଭାଜନ କହିଲେ ବର୍ତ୍ତମାନ ଆମେ ଯାହା ବୁଝୁ, ତାହା ସେତେବେଳେ ସଂପୂର୍ଣ୍ଣ ଅନ୍ତର୍ହିତ ହୋଇଯିବ। ତାଛଡା, ଯାନ୍ତ୍ରିକ ଓ ରାସାୟନିକ କୁଶଳତାହିଁ ଶିଳ୍ପ ଓ କୃଷି ଉତ୍ପାଦନକୁ ଆମର ପୂର୍ବ ବର୍ଣ୍ଣନା ଅନୁଯାୟୀ ଉଚ୍ଚତାରେ ପହଞ୍ଚାଇ ଦେଇପାରିବ ନାହିଁ। ଯେଉଁ ମଣିଷ ଏହି କାରିଗରୀ ପ୍ରଯୁକ୍ତି ବ୍ୟବହାର କରିବେ ସେମାନଙ୍କୁ ମଧ୍ୟ ଏହି ପରିସ୍ଥିତି ସହିତ ସଂଗତିପୂର୍ଣ୍ଣ ଉନ୍ନତ ଚେତନାର ମାନ ଅର୍ଜନ କରିବାକୁ ହେବ। ଗତ ଶତାବ୍ଦୀରେ କୃଷକ ଓ ମ୍ୟାନୁଫାକଚରିଂ ୱାର୍କସମାନେ ବୃହତ ଶିଳ୍ପର ଅଧିନକୁ ଆସି ଯେଭଳି ଭାବରେ ନିଜ ନିଜର ଜୀବନ ଯାତ୍ରା ପ୍ରଣାଳୀ ସଂପୂର୍ଣ୍ଣ ରୂପେ ପରିବର୍ତ୍ତନ କରିଥିଲେ, ସେହିଭଳି ଭାବରେହିଁ ଉତ୍ପାଦନ ଉପରେ ସମାଜର ସାମଗ୍ରିକ ଯୌଥ ନିୟନ୍ତ୍ରଣ ପ୍ରତିଷ୍ଠା ଓ ତା ଉପରେ ନିର୍ଭରଶୀଳ ନୂତନ ସାମାଜିକ ଅଗ୍ରଗତି ପାଇଁ ସଂପୂର୍ଣ୍ଣ ଭିନ୍ନ ଧରଣର ମଣିଷ ମାନଙ୍କର ପ୍ରୟୋଜନ ହେବ।

ସେତେବେଳେ ଜନସାଧାରଣ ଆଜି ଭଳି ଉତ୍ପାଦନର କୌଣସି ଗୋଟିଏ ବିଶେଷ ଶାଖାରେ ପଦାନତ ହୋଇ ରହିବେନାହିଁ, ତା ସହିତ ବନ୍ଧାହୋଇ ରହିବେ ନାହିଁ, ବା ତା'ଦ୍ୱାରା ଶୋଷିତ ହେବେ ନାହିଁ। ଅନ୍ୟ ସମସ୍ତ କ୍ଷେତ୍ରକୁ ବାଦଦେଇ କେବଳ ଗୋଟିଏ କ୍ଷେତ୍ରରେ ହିଁ ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାର ଆଉ ପ୍ରୟୋଜନ ହେବ ନାହିଁ, ସେମାନେ କେବଳ ଗୋଟିଏ ମାତ୍ର ଶାଖା ଅଥବା ଗୋଟିଏ ବିଶେଷ ଶାଖାର ଉପଶାଖାର କାମ ସଂପର୍କରେ ହିଁ ଭଲ ଭାବରେ ୱାକିବାହାଲ ରହିବେନାହିଁ। ସେମାନେ ଉତ୍ପାଦନର ସମସ୍ତ ବିଭାଗ ସଂପର୍କରେ ହିଁ ଅବିହିତ ରହିବେ। ଯଦିଓ ବିଦ୍ୟମାନ ଶିଳ୍ପ ପରିସ୍ଥିତିରେ ଏ ଧରଣର ଲୋକଙ୍କୁ ଅଦରକାରୀ ବୋଲି ହିଁ ମନେ କରାଯାଏ। ପରିକଳ୍ପିତ ଓ ସାମଗ୍ରିକ ଭାବରେ ସମାଜ ନିୟନ୍ତ୍ରିତ ଶିଳ୍ପ ସେହି ଧରଣର ବହୁ ପ୍ରକାର କୁଶଳତାର ଅଧିକାରୀ ଲୋକଙ୍କର ପ୍ରୟୋଜନୀୟତାକୁ ସ୍ୱୀକାର କରେ ଯେଉଁ ଲୋକମାନଙ୍କର କର୍ମ ଦକ୍ଷତାର ସୁସମ ବିକାଶ ଘଟିଛି ଏବଂ ଯେଉଁମାନେ ଉତ୍ପାଦନ ବ୍ୟବସ୍ଥାକୁ ସମଗ୍ରତା ମଧ୍ୟରେ ଦେଖିବାକୁ ଶିଖିଛନ୍ତି।

ଶ୍ରମ ବିଭାଜନର ଯେଉଁ ଢାଞ୍ଚାରେ ଜଣେ କୃଷକ, ଦ୍ୱିତୀୟ ଜଣ ଚର୍ମକାର, ତୃତୀୟ ଜଣ ଫ୍ୟାକ୍ଟ୍ରି ଶ୍ରମିକ ଏବଂ ଚତୁର୍ଥ ଜଣ ସେୟାର ବଜାର ଅପରେଟର ହୁଅନ୍ତି, ଯନ୍ତ୍ର ଆସିବା ଫଳରେ ସେହି ଢାଞ୍ଚା ଇତି ମଧ୍ୟରେ ହିଁ କ୍ଷୟପ୍ରାପ୍ତ ହୋଇଛି ଏବଂ କ୍ରମଶଃ ଏହା ପୁରାପୁରି ଲୋପ ପାଇବ। ଯୁବ ସଂପ୍ରଦାୟକୁ ସେହି ଶିକ୍ଷା ଦେବାକୁ ହେବ ଯାହାଫଳରେ ସେମାନେ ଉତ୍ପାଦନ ବ୍ୟବସ୍ଥା ସଂପର୍କରେ ଦ୍ରୁତ ସମ୍ୟକ ପରିଚିତ ଲାଭ କରିପାରିବେ ଏବଂ ସାମାଜିକ ପ୍ରୟୋଜନକୁ ସ୍ୱୀକୃତି ଦେଇ ଅଥବା ବ୍ୟକ୍ତିଗତ ଆଗ୍ରହର ଆକର୍ଷଣରେ ଉତ୍ପାଦନର ଗୋଟିଏ ଶାଖାରୁ ଅନ୍ୟଶାଖାକୁ ଚାଲିଯାଇ ପାରିବେ। ସୁତରାଂ, ଏହି ପ୍ରକ୍ରିୟାରେ ବ୍ୟକ୍ତି ଉପରେ ଶ୍ରମବିଭାଜନ ଦ୍ୱାରା ଚାପି ଦିଆଯାଇଥିବା ଏକପାଖିଆ ଭୂମିକା ପାଳନ କରିବାରୁ ସେମାନେ ମୁକ୍ତି ପାଇବେ। ଏହିଭଳି ଭାବରେ କମ୍ୟୁନିଷ୍ଟ ସମାଜ, ସମାଜର ସଦସ୍ୟ ମାନଙ୍କର ସାମଗ୍ରିକ ଭାବରେ ବିକଶିତ କର୍ମଦକ୍ଷତାର ପୂର୍ଣ୍ଣ ବ୍ୟବହାର କରିପାରିବ। କିନ୍ତୁ ଏହି ଘଟଣା ଯେଉଁ ଦିନ ଘଟିବ ସେଦିନ ଶ୍ରେଣୀର ଅବଲୁପ୍ତି ମଧ୍ୟ ଅନିବାର୍ଯ୍ୟ ହୋଇପଡିବ। ଏହା ନିଶ୍ଚିତ ଯେ, ସାମ୍ୟବାଦର ଭିତ୍ତି ଉପରେ ଗଢି ଉଠିଥିବା ସମାଜରେ ଶ୍ରେଣୀର ଅସ୍ତିତ୍ୱ ଯେଭଳି ଗୋଟିଏ ଦିଗରେ ଅସଙ୍ଗତି ପୂର୍ଣ୍ଣ, ପୁଣି ଅନ୍ୟଦିଗରେ ସେହିଭଳି ଭାବରେ ନିର୍ମିତ ସମାଜ ବ୍ୟବସ୍ଥା ଶ୍ରେଣୀ ବୈଷମ୍ୟ ଦୂର କରିବାର ଯଥାଯଥ ଉପାୟର ସଂଧାନ ମଧ୍ୟ ଦେବ। ଅନୁସିଦ୍ଧାନ୍ତ ହେଉଛି, ସହର ଓ ଗ୍ରାମ ମଧ୍ୟରେ ଥିବା ବୈଷମ୍ୟର ଅବଲୁପ୍ତି ମଧ୍ୟ ବାସ୍ତବ ସମ୍ମତ ଭାବରେ ନିର୍ଦ୍ଧାରିତ। ଦୁଇ ଭିନ୍ନ ଶ୍ରେଣୀର ଜନସାଧାରଣଙ୍କର ନୁହେଁ ଗୋଟିଏ ଶ୍ରେଣୀର ଜନସାଧାରଣଙ୍କ ଦ୍ୱାରା କୃଷି ଓ ଶିଳ୍ପକ୍ଷେତ୍ର ପରିଚାଳନା କରିବା କମ୍ୟୁନିଷ୍ଟ ସଂଗଠନର ଯୁକ୍ତି ସଙ୍ଗତ ଓ ପ୍ରୟୋଜନୀୟ ସର୍ତ୍ତ। କୃଷିଜୀବୀ ଜନସାଧାରଣଙ୍କ ଜମିରେ ହିଁ ବିଛିନ୍ନ ଭାବରେ ରହିଥିବା ଏବଂ ଏହାର ପାଖାପାଖି ବଡବଡ ସହରରେ ଶିଳ୍ପ ଶ୍ରମିକ ମାନଙ୍କର ଭିଡ କୃଷି ଓ ଶିଳ୍ପ ଉଭୟ କ୍ଷେତ୍ରରେ ହିଁ ଅନୁନ୍ନତ ରାଷ୍ଟ୍ରର ପରିଚାୟକ। ଏହି ପରିସ୍ଥିତିରେ ଭବିଷ୍ୟତ ଅଗ୍ରଗତିର କ୍ଷେତ୍ରରେ ତାହା ବାଧାସ୍ୱରୂପ ଇତିମଧ୍ୟରେ ହିଁ ଅନୁଭୂତ ହେଉଛି।

ଶିଳ୍ପ ବିଷୟରେ ଶିକ୍ଷା, ନାନାବିଧ କର୍ମକାଣ୍ଡରେ ନିଯୁକ୍ତି, ଚିତ୍ତବିନୋଦନ ମୂଳ ଅନୁଷ୍ଠାନରେ ସମସ୍ତଙ୍କର ଅଂଶଗ୍ରହଣ, ସହର ଓ ଗ୍ରାମର ସଂଯୁକ୍ତିକରଣ ମାଧ୍ୟମରେ ଉତ୍ପାଦିକ ଶକ୍ତିର ପରିକଳ୍ପିତ ବ୍ୟବହାର, ସମସ୍ତଙ୍କର ପ୍ରୟୋଜନ ନିବୃତ୍ତିର ଉପଯୋଗୀ ଉତ୍ପାଦନ ବୃଦ୍ଧି, ଯେଉଁ ବ୍ୟବସ୍ଥାରେ ଅନ୍ୟକୁ ବଂଚିତ କରି କିଛି ଲୋକଙ୍କର ପ୍ରୟୋଜନ ମେଣ୍ଟେ ସେହି ବ୍ୟବସ୍ଥାର ଅବଲୁପ୍ତି, ଶ୍ରେଣୀ ଏବଂ ଶ୍ରେଣୀ ଦ୍ୱନ୍ଦ୍ୱର ସଂପୂର୍ଣ୍ଣ ଅବସାନ, ବର୍ତ୍ତମାନ ଶ୍ରମବିଭାଜନର ସମାପ୍ତି ଘଟାଇ ସମାଜର ସମସ୍ତ ସଦସ୍ୟ ମାନଙ୍କର ସାର୍ବିକ ଉନ୍ନୟନ ଉଦ୍ଦେଶ୍ୟରେ ସମାଜର ସମସ୍ତ ସଦସ୍ୟଙ୍କର ସହଯୋଗିତା- ଏହି ଗୁଡିକ ହେଉଛି ବ୍ୟକ୍ତି ସଂପତ୍ତି ବିଲୋପର ଅବଶ୍ୟମ୍ଭାବୀ ପରିଣତି।

**ପ୍ରଶ୍ନ ୨୧ –** ପରିବାର ପ୍ରଥା ଉପରେ ସାମ୍ୟବାଦୀ ସମାଜର କ'ଣ ପ୍ରଭାବ ପଡିବ?

**ଉତ୍ତର –** ନର-ନାରୀଙ୍କର ଯୌନ ସଂପର୍କ ସଂପୃକ୍ତ ନରନାରୀଙ୍କର ଏକାନ୍ତ ବ୍ୟକ୍ତିଗତ ବିଷୟ ବୋଲି ଗଣ୍ୟ କରାହେବ। ସେ କ୍ଷେତ୍ରରେ କୌଣସି

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ସାମ୍ୟବାଦର ମୂଳ ନୀତି . . .

( ୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ପରିସ୍ଥିତିରେ ବି ସମାଜ ହସ୍ତକ୍ଷେପ କରିବ ନାହିଁ। ଏହି ସମାଜ ଏଥିପାଇଁ କାର୍ଯ୍ୟକାରୀ କରିପାରିବ। କାରଣ ଏହି ସମାଜ ବ୍ୟକ୍ତି ସଂପତ୍ତିର ଅବସାନ ଘଟାଇବ ଏବଂ ଶିଶୁମାନଙ୍କୁ ଯୌଥ ଜୀବନଯାପନ କରିବାକୁ ଶିକ୍ଷା ଦେବ। ଏହିଭଳି ଭାବେ ଦୃଢ ପ୍ରତିଷ୍ଠିତ ବ୍ୟକ୍ତି ସଂପତ୍ତିର ଧାରଣା ସହିତ ସଂଯୁକ୍ତ ବିବାହର ପରମ୍ପରାଗତ ଦୁଇ ଭିତ୍ତି– ପୁରୁଷ ଉପରେ ନାରୀର ଏବଂ ପିତାମାନଙ୍କ ଉପରେ ସନ୍ତାନର ନିର୍ଭରଶୀଳତା ବିଲୁପ୍ତ ହେବ।

ନାରୀଙ୍କୁ "ଯୌଥ ସଂପତ୍ତ"ରେ ପରିଣତ କରାଯାଇଛି ବୋଲି ଅତି ସଂକୀର୍ଣ୍ଣମନା ନୀତିବିତ୍‌ମାନେ ଯେଉଁ ସବୁ ସରିଗଲା, ସବୁ ସରିଗଲା ରଡି ଛାଡୁଛନ୍ତି, ତା'ର ଜବାବ ହେଲା– ନାରୀର ଯୌଥ ସଂପତ୍ତିର ପରିଣତ ହେବାର ସର୍ତ୍ତ ସଂପୂର୍ଣ୍ଣ ଭାବେ ବୁର୍ଜୁଆ ସମାଜ ମଧ୍ୟରେ ହିଁ ଅବସ୍ଥିତ ଅଛି। ଏବଂ ତାହା ହିଁ ଆଜି ଦେହ ବ୍ୟବସାୟ ମଧ୍ୟ ଦେଇ ପରିପୂର୍ଣ୍ଣ ରୂପ ପରିଗ୍ରହ କରିଛି। ଯେହେତୁ ଦେହ ବ୍ୟବସାୟ ବ୍ୟକ୍ତି ସଂପ୍ତି ଉପରେ ପ୍ରତିଷ୍ଠିତ, ତେଣୁ ବ୍ୟକ୍ତି ସଂପତ୍ତିର ଅବସାନ ସଙ୍ଗେ ସଙ୍ଗେ ଦେହ ବ୍ୟବସାୟର ମଧ୍ୟ ଅବସାନ ହେବ। ସୁତରାଂ, ସାମ୍ୟବାଦୀ ସମାଜ ନାରୀକୁ ଯୌଥ ସଂପତ୍ତିରେ ପରିଣତ କରିବା ପାଇଁ ଚେଷ୍ଟା ତ ଆଦୌ କରେନା ବରଂ ତା' ପରିବର୍ତ୍ତେ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରେ।

**ପ୍ରଶ୍ନ ୨୨** – ବିଦ୍ୟମାନ ଜାତିସତ୍ତାଗୁଡିକ ପ୍ରତି ସାମ୍ୟବାଦୀ ଦୃଷ୍ଟିଭଙ୍ଗୀ କ'ଣ ହେବ ?

**ଉତ୍ତର** – ବିଭିନ୍ନ ଧରଣର ସଂପତ୍ତି ଏବଂ ଶ୍ରେଣୀ ବିଭେଦର ମୂଳ ଭିତ୍ତି ଅର୍ଥାତ୍ ବ୍ୟକ୍ତି ସଂପତ୍ତିର ଅବସାନ ଘଟିଲେ ଯେଉଁଭଳି ଭାବେ ତାହା ଅର୍ନ୍ତହିତ ହେବାକୁ ବାଧ୍ୟ, ସେହିଭଳି ସଂପ୍ରଦାୟଗତ ନୀତିର ଅନୁରୂପତା ଅନୁସାରେ ଜନଗଣଙ୍କର ଘନିଷ୍ଠତା ମାଧ୍ୟମରେ ଯେଉଁ ଜାତିସତ୍ତାଗୁଡିକର ଉଦ୍‌ଭବ ହୋଇଛି, ସେଗୁଡିକ ମଧ୍ୟ ଦିନେ ପାରସ୍ପରିକ ସହଯୋଗିତାର ପରିଣତିରେ ହିଁ ପରସ୍ପର ସହିତ ମିଶିଯିବାକୁ ଏବଂ ବିଲୀନ ହୋଇଯିବାକୁ ବାଧ୍ୟ ହେବ।

**ପ୍ରଶ୍ନ ୨୩** – ଧର୍ମ ପ୍ରତି କମ୍ୟୁନିଷ୍ଟମାନଙ୍କର ଦୃଷ୍ଟିଭଙ୍ଗୀ କ'ଣ ହେବ ?

**ଉତ୍ତର** – ସମସ୍ତ ଧର୍ମ ହିଁ ବର୍ତ୍ତମାନ ଯାଏ କୌଣସି ନା କୌଣସି ଜାତି ଅଥବା ଜାତିଗୋଷ୍ଠିର ଅଗ୍ରଗତିର ବିଭିନ୍ନ ଐତିହାସିକ ସ୍ତରର ମୂର୍ତ୍ତ ରୂପ। ମାତ୍ର ସାମ୍ୟବାଦ ହେଲା ଐତିହାସିକ ଅଗ୍ରଗତିର ସେହି ସ୍ତର, ଯେଉଁଠି ପ୍ରଚଳିତ ସମସ୍ତ ଧର୍ମ ଅନର୍ଥକ ପ୍ରତିପନ୍ନ ହେବ ଏବଂ ସେଗୁଡିକର ଅର୍ନ୍ତଧାନ ଘନେଇ ଆସିଛି।

**ପ୍ରଶ୍ନ ୨୪** – କମ୍ୟୁନିଷ୍ଟମାନଙ୍କ ସହିତ ସୋସାଲିଷ୍ଟମାନଙ୍କର ପାର୍ଥକ୍ୟ କ'ଣ ?

**ଉତ୍ତର** – ତଥାକଥିତ ସୋସାଲିଷ୍ଟମାନଙ୍କୁ ତିନୋଟି ଶ୍ରେଣୀରେ ଭାଗ କରାଯାଏ।

୧ : ପ୍ରତିକ୍ରିୟାଶୀଳ ସୋସାଲିଷ୍ଟ : ପ୍ରଥମ ଶ୍ରେଣୀଟି ହେଲା ସାମନ୍ତତାନ୍ତ୍ରିକ ଏବଂ ପିତୃତାନ୍ତ୍ରିକ ସମାଜର ଅନୁଗାମୀ ମାନଙ୍କୁ ନେଇ ଯେଉଁ ଦୁଇଟି ସମାଜକୁ ପ୍ରତିଦିନ ବୃହତ ଶିଳ୍ପ ଓ ବିଶ୍ୱ ବାଣିଜ୍ୟ ଏବଂ ସେମାନଙ୍କର ସ୍ୱଷ୍ଟ ବୁର୍ଜୁଆ ସମାଜ ପ୍ରତିଦିନ ଭାଙ୍ଗୁଛି। ସମକାଳୀନ ସମାଜର ଅନାଚାର ଦୂର କରିବା କ୍ଷେତ୍ରରେ ଏହି ଗୋଷ୍ଠୀର ମୂଳ ବକ୍ତବ୍ୟ ହେଲା ଯେ, ସାମନ୍ତତାନ୍ତ୍ରିକ ସମାଜରେ ଯେହେତୁ ଏ ଧରଣର ଅନାଚାର ନଥିଲା, ତେଣୁ ସାମନ୍ତତନ୍ତ୍ରର ପୁନଃ ପ୍ରତିଷ୍ଠା ମାଧ୍ୟମରେ ହିଁ ଏହି ସବୁ ଅନଚାର ଦୂର ହୋଇପାରେ।

ଯଦିଓ ପ୍ରତିକ୍ରିୟାଶୀଳ ସୋସାଲିଷ୍ଟମାନେ ଆପାତଭାବେ ସର୍ବହରାମାନଙ୍କ ପକ୍ଷ ନିଅନ୍ତି ବା ସର୍ବହରାମାନଙ୍କ ଦୁଃଖରେ ବୁକୁଫଟା କ୍ରନ୍ଦନ କରନ୍ତି, ତା ସତ୍ତ୍ୱେବି ନିମ୍ନୋକ୍ତ କାରଣରୁ କମ୍ୟୁନିଷ୍ଟମାନେ ସେମାନଙ୍କର ତୀବ୍ର ବିରୋଧିତା କରନ୍ତି।

କ) ସେମାନେ ଅସମ୍ଭବକୁ ସମ୍ଭବ କରିବାକୁ ଚାହୁଁଛନ୍ତି।

ଖ) ସେମାନେ ଅଭିଜାତ ଗୋଷ୍ଠି, ଗିଲ୍‌ଡମାଷ୍ଟର, କ୍ଷୁଦ୍ର ଉତ୍ପାଦକ ଓ କାରଖାନା ମାଲିକ, ସ୍ୱେରାଚାରୀ ସାମନ୍ତତାନ୍ତ୍ରିକ ରାଜା ଓ ସେମାନଙ୍କର ଅନୁଚର ବୃନ୍ଦ– ରାଜକର୍ମଚାରୀ, ସୈନ୍ୟବାହିନୀ ଏବଂ ଯାଜକମାନଙ୍କ କର୍ତ୍ତୃତ୍ୱ କାଏମ କରିବାକୁ ଚାହାନ୍ତି। ସେମାନେ ଯେଉଁ ସମାଜ ପ୍ରତିଷ୍ଠା କରିବାକୁ ଚାହାନ୍ତି, ସେହି ସମାଜ ନିଃସନ୍ଦେହରେ ଆଧୁନିକ ସମାଜର ବହୁ ଅନୁଷ୍ଟକାରୀ ବିଷୟରୁ ମୁକ୍ତ କିନ୍ତୁ ଏହା ମଧ୍ୟ ସତ୍ୟ ଯେ, ସେହି ସମାଜ ନିଶ୍ଚିତଭାବେ ସମସଂଖ୍ୟକ କ୍ଷତିକାରକ ଜିନିଷ ଆମଦାନୀ କରିବ ଏବଂ ସାମ୍ୟବାଦୀ ବିପ୍ଳବ ମଧ୍ୟ ଦେଇ ନିପୀଡିତ ଶ୍ରମଜୀବୀ ଶ୍ରେଣୀକୁ ସେମାନଙ୍କ ଆକାଂକ୍ଷିତ ମୁକ୍ତି ଅଦିନରେ କୌଣସି ସୁଯୋଗ ଦେବ ନାହିଁ।

ଗ) ସର୍ବହରାଶ୍ରେଣୀ ପ୍ରକୃତ ବିପ୍ଳବୀ ବା କମ୍ୟୁନିଷ୍ଟ ଚରିତ୍ର ଅର୍ଜନ କରିବା ଦେଖିଲେ ହିଁ ସମାଜତନ୍ତ୍ରୀମାନଙ୍କର ଅସଲ ମନୋଭାବ ପ୍ରକଟିତ ହୋଇ ଉଠେ। ସେତେବେଳେ ହିଁ ଏହି ସାମନ୍ତତାନ୍ତ୍ରିକ ସମାଜତନ୍ତ୍ରୀମାନେ ସର୍ବହରା ଶ୍ରେଣୀ ବିରୁଦ୍ଧରେ ବୁର୍ଜୁଆ ଶ୍ରେଣୀ ସହିତ ମେଣ୍ଟ ବାନ୍ଧନ୍ତି।

୨) ବୁର୍ଜୁଆ ସୋସାଲିଷ୍ଟ

ବର୍ତ୍ତମାନ ସମାଜର ଅନୁରାଗୀମାନେ ଦ୍ୱିତୀୟ ଶ୍ରେଣୀରେ ରହିଛନ୍ତି। ଏହି ସମାଜର ଅଶୁଭ ଶକ୍ତି– ଯାହାକୁ ଏହି ସମାଜ ନିଜେ ହିଁ ଜନ୍ମ ଦେବାକୁ ବାଧ୍ୟ, ତାହା ଦେଖି ସମାଜର ଭବିଷ୍ୟତ ସଂପର୍କରେ ଏମାନେ ଆତଙ୍କିତ। ଅତଏବ୍ ଏମାନେ ଯାହା ଚାହାଁନ୍ତି, ତା'ହେଲା, ଅନ୍ତର୍ନିହିତ ଅଶୁଭ ଶକ୍ତି ହାତରୁ ମୁକ୍ତ କରି ବର୍ତ୍ତମାନ ସମାଜକୁ ରକ୍ଷା କରିବା। ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ କେହି କେହି ନିଛକ ଜନ କଲ୍ୟାଣକାରୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଛନ୍ତି। ପୁଣି ଦଳେ ସମାଜ ପୁନର୍ଗଠନର ଆଢୁଆଳରେ ବିଶାଳ ବିଶାଳ ସଂସ୍କାରମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରସ୍ତାବ ଆଣିଛନ୍ତି। ପ୍ରକୃତରେ ଏସବୁ ପଛରେ ଏକମାତ୍ର ଉଦ୍ଦେଶ୍ୟ ରହିଛି, ତା'ହେଲା, ଏହି ସମାଜର ଭିତ୍ତିକୁ ସୁରକ୍ଷିତ କରିବା ଏବଂ ସେହି ଅର୍ଥରେ ବର୍ତ୍ତମାନର ସମାଜ ଜୀବନକୁ ନିରାପଦ ରଖିବା।

କମ୍ୟୁନିଷ୍ଟମାନେ ଏହି ବୁର୍ଜୁଆ ସୋସାଲିଷ୍ଟମାନଙ୍କ ବିରୁଦ୍ଧରେ ବିରାମହୀନଭାବରେ ସଂଗ୍ରାମ ଚଳାଇ ଯିବେ। କାରଣ ଏମାନେ କମ୍ୟୁନିଷ୍ଟମାନଙ୍କ ଶତ୍ରୁମାନଙ୍କ ପକ୍ଷରେ କାମ କରନ୍ତି ଏବଂ ସେମାନଙ୍କ ସହିତ ହାତ ମିଳାଇ ସେହି ସମାଜକୁ ବଂଚାଇ ରଖିବାକୁ ଚାହାନ୍ତି, ଯେଉଁ ସମାଜକୁ ଉଚ୍ଛେଦ କରିବା ପାଇଁ କମ୍ୟୁନିଷ୍ଟ ମାନେ ଚାହାନ୍ତି।

୩) ଗଣତାନ୍ତ୍ରିକ ସୋସାଲିଷ୍ଟ

ସର୍ବଶେଷ ତୃତୀୟ ଶ୍ରେଣୀରେ ଗଣତାନ୍ତ୍ରିକ ସୋସାଲିଷ୍ଟମାନେ ଅଛନ୍ତି। ଏମାନେ ୧୮ନମ୍ବର ପ୍ରଶ୍ନରେ ବର୍ଣ୍ଣିତ ଏଭଳି କିଛି ପଦକ୍ଷେପ ପ୍ରତି ଆନୁକୂଲ୍ୟ ଦେଖାଇ କମ୍ୟୁନିଷ୍ଟମାନଙ୍କୁ ସମର୍ଥନ କରନ୍ତି, ମାତ୍ର ତାହା ସାମ୍ୟବାଦକୁ ଉତ୍ତରଣର ଅଂଗ ଭାବେ ନୁହେଁ, ସେମାନଙ୍କର ବିଶ୍ୱାସ ଅନୁଯାୟୀ ବର୍ତ୍ତମାନ ସମାଜର ଦୁଃଖ–ଦୁର୍ଦ୍ଦଶା ଦୂର କରିବା କ୍ଷେତ୍ରରେ ଏତିକି ଯଥେଷ୍ଟ ବୋଲି ହିଁ ମନେକରନ୍ତି।

ଏହି ଗଣତାନ୍ତ୍ରିକ ସୋସାଲିଷ୍ଟମାନେ ହୁଏତ ସର୍ବହରା ଶ୍ରେଣୀର ଅନ୍ତର୍ଗତ ଅଥଚ ଶ୍ରେଣୀଗତ ଭାବେ ମୁକ୍ତିର ଶର୍ତ୍ତାବଳୀ ସଂପର୍କରେ ସେମାନେ ଏବେ ବି ସ୍ୱଚ୍ଛ ଧାରଣାର ଅଧିକାରୀ, ନୁହନ୍ତି ଅଥବା ପେଟି–ବୁର୍ଜୁଆ ଶ୍ରେଣୀର ପ୍ରତିନିଧି। ଯେତେଦିନ ପର୍ଯ୍ୟନ୍ତ ଯେଉଁମାନଙ୍କର ଗଣତାନ୍ତ୍ରିକ ଓ ସମାଜତାନ୍ତ୍ରିକ ପଦକ୍ଷେପ ସଂକ୍ରାନ୍ତୀୟ କିଛି ଦାବି ଅର୍ଜିତ ନହୋଇଛି ସେତେଦିନ ସେମାନଙ୍କ ସ୍ୱାର୍ଥ ସହିତ ସର୍ବହରାମାନଙ୍କ ସ୍ୱାର୍ଥର ବହୁ ବିଷୟରେ ହିଁ ମେଳ ରହିବ।

ସୁତରାଂ, ସେମାନେ ଯଦି ସିଧାସଳଖ ଶାସକ ବୁର୍ଜୁଆଶ୍ରେଣୀ ସହିତ ହାତ ମିଳାଇ ନଥାନ୍ତି ଏବଂ କମ୍ୟୁନିଷ୍ଟମାନଙ୍କୁ ଆକ୍ରମଣ କରିନଥାନ୍ତି, ତା'ହେଲେ କମ୍ୟୁନିଷ୍ଟମାନଙ୍କର କର୍ମସୂଚୀ ଗ୍ରହଣ କରିବା ସମୟରେ, ଗଣତାନ୍ତ୍ରିକ ସୋସାଲିଷ୍ଟମାନଙ୍କ ସହିତ ବୁଝାମଣାରେ ଆସିବାକୁ ହେବ ଏବଂ ସାଧାରଣ ଭାବେ ଯେତେଦୂର ସମ୍ଭବ ପାରସ୍ପରିକ ଭାବେ ଗୃହୀତ ସାଧାରଣ ନୀତି ଅନୁସରଣ କରିବାକୁ ହେବ।

ଏହା ସ୍ୱଷ୍ଟ ଭାବେ ବୁଝିବା ଦରକାର ଯେ, କର୍ମସୂଚୀ ପରିଚାଳନା କ୍ଷେତ୍ରରେ ଏହି ସହଯୋଗିତାବେଳେ କିନ୍ତୁ ମତପାର୍ଥକ୍ୟ ବିଷୟ ସଂକ୍ରାନ୍ତୀୟ ଆଲୋଚନାକୁ ସ୍ଥାନ ଦେବାକୁ ହେବ।

**ପ୍ରଶ୍ନ ୨୫**– ବର୍ତ୍ତମାନ ସମୟର ଅନ୍ୟାନ୍ୟ ରାଜନୈତିକ ଦଳ ସଂପର୍କରେ କମ୍ୟୁନିଷ୍ଟମାନଙ୍କ ଦୃଷ୍ଟିଭଙ୍ଗୀ କ'ଣ ହେବ ?

**ଉତ୍ତର** – ଉକ୍ତ ବିଷୟରେ ବିଭିନ୍ନ ଦେଶର ପରିସ୍ଥିତି ମଧ୍ୟରେ ପାର୍ଥକ୍ୟ ରହିଛି। ଗ୍ରେଟ୍ ବ୍ରିଟେନ, ଫ୍ରାନ୍ସ ଓ ବେଲଜିୟମରେ ଯେଉଁଠି ବୁର୍ଜୁଆଶ୍ରେଣୀ ଶାସନ କ୍ଷମତାର ଅଧିକାରୀ, ସେଠି କମ୍ୟୁନିଷ୍ଟମାନଙ୍କ ସ୍ୱାର୍ଥ ସହିତ ବିଭିନ୍ନ ଗଣତାନ୍ତ୍ରିକ ଦଳମାନଙ୍କର ସ୍ୱାର୍ଥଗତ ଐକ୍ୟ ଅଛି। ସେହି ସମସ୍ତ ଦେଶର ଗଣତନ୍ତ୍ରୀମାନେ ବର୍ତ୍ତମାନ ଯେଉଁ ସବୁ ସମାଜତାନ୍ତ୍ରିକ କର୍ମସୂଚୀର ପ୍ରବକ୍ତା ହୋଇଛନ୍ତି, ଯେଉଁମାନଙ୍କ ସହିତ କମ୍ୟୁନିଷ୍ଟମାନଙ୍କର ଲକ୍ଷ୍ୟଗତ ମେଳ ଅଛି, ସେହି ଅନୁପାତରେ ଏହି ସାଧାରଣ ସ୍ୱାର୍ଥଗତ ଐକ୍ୟ ବିସ୍ତୃତ ହେବ। ଅର୍ଥାତ୍ ସେମାନଙ୍କର କର୍ମସୂଚୀ ଯେଉଁ ଅନୁପାତରେ ସର୍ବହରା ଶ୍ରେଣୀର ସ୍ୱାର୍ଥର ପରିପୂରକ ହେବ, ସର୍ବହରା ଶ୍ରେଣୀର ସମର୍ଥନ ଉପରେ ନିର୍ଭରଶୀଳ ହେବ, ସେହି ଅନୁପାତରେ ଐକ୍ୟ ବୃଦ୍ଧି ପାଇବ। ଯେମିତି ଉଦାହରଣ ସ୍ୱରୂପ ଇଂଲାଣ୍ଡର ଚାର୍ଟିଷ୍ଟମାନଙ୍କ କଥା କୁହାଯାଇପାରେ। ଚାର୍ଟିଷ୍ଟମାନେ ପ୍ରାୟ ସମସ୍ତେହିଁ ଶ୍ରମିକ ଶ୍ରେଣୀର ଲୋକ। ତେଣୁ ସେମାନେ ଗଣତାନ୍ତ୍ରିକ ମାନବିକତା ସଂପନ୍ନ ପେଟି ବୁର୍ଜୁଆ ବା ତଥାକଥିତ ର୍‍ୟାଡିକାଲମାନଙ୍କଠାରୁ ଅଧିକ ପରିମାଣରେ କମ୍ୟୁନିଷ୍ଟମାନଙ୍କ ନିକଟତର। ମାର୍କି ଯୁକ୍ତରାଷ୍ଟ୍ରରେ ଯେଉଁଠି ଏକ ଗଣତାନ୍ତ୍ରିକ ସମ୍ବିଧାନ ପ୍ରଚଳିତ ଅଛି ସେଠି ଅନ୍ୟ ଯେଉଁମାନେ ସର୍ବହରାଶ୍ରେଣୀ ସ୍ୱାର୍ଥରେ ଏବଂ ବୁର୍ଜୁଆଶ୍ରେଣୀର ବିରୋଧିତାରେ ଏହି ସମ୍ବିଧାନକୁ କାମରେ ଲଗାଉଛନ୍ତି, ସେଠି କମ୍ୟୁନିଷ୍ଟମାନେ ସେମାନଙ୍କ ସହିତ ଏକତ୍ର କାମ କରିବେ। ଏହାର ଅର୍ଥ ହେଲା, କମ୍ୟୁନିଷ୍ଟମାନେ ସେହି ଜାତୀୟ କୃଷି ସଂସ୍କାରକ ମାନଙ୍କ ପାଖାପାଖି କାମ କରିବେ। ସୁଇଜରଲ୍ୟାଣ୍ଡରେ ର୍‍ୟାଡିକାଲମାନେ ଯଦିଓ ନାନା ଧରଣର ସ୍ୱାର୍ଥ ସହିତ ଜଡିତ ବ୍ୟକ୍ତମାନଙ୍କ ସାଙ୍ଗରେ ଯୁକ୍ତ, ତଥାପି ଏକମାତ୍ର ସେମାନଙ୍କ ସହିତ ହିଁ କମ୍ୟୁନିଷ୍ଟମାନେ ଏକତ୍ର କାମ କରିପାରିବେ। ଏହି ସବୁ ର୍‍ୟାଡିକାଲ ମାନଙ୍କ ମଧ୍ୟରେ ଭାଉଡ ଓ ଜେନେଭା ନାମକ ନଗର ଦୁଇଟିର ର୍‍ୟାଡିକାଲ ମାନେ ହିଁ ବେଶି ଆଗ୍ରଣୀ।

ଜର୍ମାନୀରେ ସାଂପ୍ରତିକ କାଳରେ ବୁର୍ଜୁଆଶ୍ରେଣୀ ଓ ଚରମ ସ୍ୱେରାଚାରୀ ରାଜତନ୍ତ୍ରୀ ମାନଙ୍କ ମଧ୍ୟରେ ବିରୋଧ କ୍ରମଶଃ ଜଟିଳ ହୋଇ ଉଠୁଛି। ଯେହେତୁ ବୁର୍ଜୁଆ ଶ୍ରେଣୀ କ୍ଷମତାରେ ଅଧିଷ୍ଠିତ ନହେବା ପର୍ଯ୍ୟନ୍ତ କମ୍ୟୁନିଷ୍ଟମାନେ ସେମାନଙ୍କର ଚୂଡାନ୍ତ ମୁକାବିଲା କରିପାରିବେ ନାହିଁ। ତେଣୁ ସାମ୍ୟବାଦର ସ୍ୱାର୍ଥରେ ହିଁ କମ୍ୟୁନିଷ୍ଟମାନଙ୍କର ବୁର୍ଜୁଆ ଶ୍ରେଣୀକୁ ଯଥା ସମ୍ଭବ ଦ୍ରୁତ କ୍ଷମତାରେ ଆସୀନ ହେବାକୁ ସାହାଯ୍ୟ କରିବା ଉଚିତ ଏବଂ ପରେ ସେମାନଙ୍କୁ ଯଥାସମ୍ଭବ ଦ୍ରୁତ କ୍ଷମତାଚ୍ୟୁତ କରିବାକୁ ହେବ। ତେଣୁ ରାଜତନ୍ତ୍ର ବିରୋଧୀ ସଂଗ୍ରାମରେ ଉଦାର ନୈତିକ ବୁର୍ଜୁଆଶ୍ରେଣୀକୁ କମ୍ୟୁନିଷ୍ଟମାନଙ୍କର ସାହାଯ୍ୟ କରିବାକୁ ହେବ। ତେବେ ସେମାନେ ବୁର୍ଜୁଆଶ୍ରେଣୀର ଯେଉଁ ଆଶ୍ୱାସନାବାଣୀ ପା'ନ୍ତି ବୁର୍ଜୁଆମାନଙ୍କର କ୍ଷମତା ଦଖଲ ସର୍ବହରାମାନଙ୍କ ପକ୍ଷରେ କଲ୍ୟାଣକର– ଏହାଦ୍ୱାରା କୌଣସି ପ୍ରକାର ବିଭ୍ରାନ୍ତିର ବଶବର୍ତ୍ତି ନହୋଇ କମ୍ୟୁନିଷ୍ଟମାନଙ୍କୁ ସର୍ବଦା ସତର୍କ ରହିବାକୁ ହେବ। ବୁର୍ଜୁଆ ଶ୍ରେଣୀର କ୍ଷମତା ଦଖଲ କମ୍ୟୁନିଷ୍ଟ ମାନଙ୍କ ପାଇଁ ଯେତିକି ମାତ୍ର ସୁବିଧା ହେଇପାରେ ତା' ହେଲା –


୧) ବିବିଧ ସୁବିଧାଜନକ ଅଧିକାର, ଯାହା ସର୍ବହରାମାନଙ୍କୁ ଦୃଢ ଭାବରେ ସଂପର୍କିତ କରିବ, ସଂଗ୍ରାମୀ ଓ ସଂଗଠିତ ଶ୍ରେଣୀ ହିସାବରେ ଐକ୍ୟବଦ୍ଧ ହେବା ସହଜ କରିବ ଏବଂ

୨) ଯେଉଁଦିନ ନିରଙ୍କୁଶ ରାଜତନ୍ତ୍ରର ପତନ ଘଟିବ, ନିଶ୍ଚିତଭାବେ ସେହି ଦିନ ହିଁ ବୁର୍ଜୁଆ ଓ ସର୍ବହରାମାନଙ୍କ ମଧ୍ୟରେ ସଂଗ୍ରାମ ଆରମ୍ଭ ହେବ। ସେହିଦିନଠାରୁ ହିଁ ଯେଉଁ ସମସ୍ତ ଦେଶରେ ବର୍ତ୍ତମାନ ବୁର୍ଜୁଆମାନେ କ୍ଷମତାରେ ଅଛନ୍ତି ସେଠାରେ କମ୍ୟୁନିଷ୍ଟମାନେ ଯେଉଁ ନୀତି ଗ୍ରହଣ କରିଛନ୍ତି, ଏଠାରେ ମଧ୍ୟ ସେହି ନୀତି ଗ୍ରହଣ କରିବାକୁ ହେବ।

★★★

# କମ୍ରେଡ୍ ବୀଣାପାଣି ଦାସଙ୍କ ଅଶ୍ରୁଳ ଶେଷ ଯାତ୍ରା


ରାଜ୍ୟ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ


କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଦ୍ୱାରିକାନାଥ ରଥ



କମ୍ରେଡ୍ ବିଷ୍ଣୁ ଦାସ


କମ୍ରେଡ୍ ଶମ୍ଭୁନାଥ ନାଏକ


କମ୍ରେଡ୍ ସଦାଶିବ ଦାସ


କମ୍ରେଡ୍ ଛବି ମହାନ୍ତି


କମ୍ରେଡ୍ ସ୍ୱୟଂପ୍ରଭା ନାୟକ


କମ୍ରେଡ୍ ସୁରେନ୍ଦ୍ର ମଲ୍ଲିକ


କମ୍ରେଡ୍ ବିଶ୍ୱାବସୁ ଦାସ


କମ୍ରେଡ୍ ଅଶୋକ ମିଶ୍ର


କମ୍ରେଡ୍ ଭିକାରୀ ପ୍ରଧାନ


କମ୍ରେଡ୍ ନିରାକର ପାଣ୍ଡବ

*ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟଗଣ ମାଲ୍ୟାର୍ପଣ କରୁଛନ୍ତି*

"ମା ଚାଲିଗଲେ"। ରାସ୍ତାଧାରରେ ଦଣ୍ଡାୟମାନ ଶତ ଶତ ନିର୍ବାକ ଜନତାଙ୍କ କୋହଭରା ବାଷ୍ପରୁଦ୍ଧ କଣ୍ଠରୁ ବାରମ୍ବାର ଉଚ୍ଚାରିତ ହେଉଥିଲା, "ମା ଚାଲିଗଲେ।" ଏଇ ସେହି ସାହି, ଅଧିକାଂଶ ଗରିବ ଖଟିଖିଆ ଶ୍ରେଣୀର ଲୋକଙ୍କ ସାହି, କଟକ ମହାନଗରୀର ମୁରାଦଖାଁ ପାଟଣା। ଦିନେ ପାର୍ଟି ଦ୍ୱାରା ଦାୟିତ୍ୱ ପାଇ ଜନ ଆନ୍ଦୋଳନ, ସାଂସ୍କୃତିକ ଆନ୍ଦୋଳନ ଗଢିତୋଳିବା ଏବଂ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ବିପ୍ଳବୀ ଚିନ୍ତା ଶିକ୍ଷାର ପ୍ରଚାର ପ୍ରସାର ପାଇଁ ରାଉରକେଲାରୁ କଟକ ଆସିଥିଲେ କମ୍ରେଡ୍ ବୀଣାପାଣି ଦାସ। ଏହି ସାହିରେ ଗଢି ଉଠିଥିଲା ସେହି ମହାନ କର୍ମର କେନ୍ଦ୍ର। କମ୍ରେଡ୍ ଶିବଦାସ ଘୋଷଙ୍କ ସୁଯୋଗ୍ୟ ଛାତ୍ର ତଥା ପାର୍ଟିର ତତ୍କାଳୀନ ରାଜ୍ୟ ସଂପାଦକ କମ୍ରେଡ୍ ତାପସ ଦତ୍ତଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ସେ ଏ ଅଂଚଳରେ ଜନଗଣଙ୍କ ମଧ୍ୟରେ ରଖିଯାଇଛନ୍ତି ଗୌରବମୟ ଦୀର୍ଘ ସଂଗ୍ରାମର କେତେ ଅମ୍ଳାନ ସ୍ମୃତି। କଟକ ସହରର ସବୁ ଗଳି କନ୍ଦି ବିଶେଷକରି ଏଇ ସାହିର ପ୍ରତିଟି ଧୂଳିକଣାରେ ସାଇତା ରହିଛି କେତେ ଝଞ୍ଜା ବହୁଳ ତାଙ୍କ ସଂଗ୍ରାମୀ ଜୀବନର ଗୌରବମୟ କାହାଣୀ। ଯେଉଁ ସାହିର ସମାଜର ଅବହେଳିତ ମଣିଷମାନେ ଯାହାଙ୍କର ଅମାୟିକ ସ୍ନେହ, ଅନାବିଳ ମାତୃତ୍ୱର ପରଶରେ ନୂଆ ଜୀବନର ସ୍ପନ୍ଦନ ଅନୁଭବ କରୁଥିଲେ, ମର୍ଯ୍ୟାଦାମୟ ଜୀବନର ସ୍ୱାଦ ପାଇଥିଲେ, ଆଜି ସେହିମାନଙ୍କ ସମ୍ମୁଖରେ ସେମାନଙ୍କର ଅନ୍ତରର ପ୍ରିୟ ମଣିଷ, ସେମାନଙ୍କର "ବୀଣା ମା"ଙ୍କ ଚାଲିଛି ଶେଷ ଯାତ୍ରା। ଧାଡି ବାନ୍ଧି ଠିଆ ହୋଇ, କଅଁଳା ଶିଶୁକୁ କିଏ କୋଳରେ ଧରି, କିଏ ନିଜ ଅବଗୁଣ୍ଠନକୁ ଉନ୍ମୁକ୍ତ କରି ଆଖିରୁ ଟୋପା ଟୋପା ଲୁହ ଅଜାଡି ଦେଇ ନିଜର ପ୍ରିୟ ଜନନୀକୁ ବିଦାୟ ଶ୍ରଦ୍ଧା ଅର୍ପଣ କରୁଛନ୍ତି। ସଂକୀର୍ଣ୍ଣ ଏହି ଗଳି ରାସ୍ତା ଦେଇ ଧିରେ ଧିରେ ଆଗେଇ ଚାଲିଛି ଶେଷ ଯାତ୍ରା। ଭାସି ଆସୁଛି କୋହଭରା ବଳିଷ୍ଠ ଧ୍ୱନି, କମ୍ରେଡ୍ ବୀଣାପାଣୀ ଦାସ ଲାଲ ସଲାମ। ବିଶିଷ୍ଟ ଜନନେତ୍ରୀ ବିପ୍ଳବିନୀ ବୀଣା ଅପା, ତୁମକୁ ଆମେ ଭୁଲି ନାହୁଁ, ଭୁଲିବୁ ନାହିଁ, ଆମୃତ୍ୟୁ ବିପ୍ଳବୀ କମ୍ରେଡ୍ ବୀଣାପାଣି ଦାସ ଅମର ରହେ। ମାର୍କ୍ସବାଦ-ଲେନିନବାଦ-କମ୍ରେଡ୍ ଶିବଦାସ ଘୋଷ ଚିନ୍ତାଧାରା ଜିନ୍ଦାବାଦ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିନ୍ଦାବାଦ। ଉପସ୍ଥିତ ନେତା, କର୍ମୀ, ଦରଦୀ ଶୁଭେଚ୍ଛୁ କେବଳ ନୁହଁନ୍ତି, ଏପରିକି ଘର ବାହାରେ, ରାସ୍ତା ଧାରରେ ଦଣ୍ଡାୟମାନ ସର୍ବସ୍ତରର ଲୋକଙ୍କୁ ଏହି ଧ୍ୱନି ଆବେଗ ପ୍ରବଣ କରୁଥିଲା, ସ୍ପନ୍ଦିତ କରୁଥିଲା କୋଳର ଶିଶୁଟି ଅଶ୍ରୁସିକ୍ତ ମା'ର ବଦନ ଦେଖି କାନ୍ଦ କାନ୍ଦ ସ୍ୱରରେ ଏହି ଧ୍ୱନି ସହିତ ସ୍ୱର ମିଳାଉଥିଲା। ଏହିଭଳି ଏକ ଶୋକାକୁଳ ପରିବେଶ ମଧ୍ୟରେ ବୀଣା ଅପାଙ୍କ ପାର୍ଥିବ ଶରୀର ଶତ ଶତ ଜନତାଙ୍କ ଗହଣରେ ଖାନନଗର ଶ୍ମଶାନ ଆଡକୁ ଅଗ୍ରସର ହେଉଥିଲା। ୨୨ ଡିସେମ୍ବର ସନ୍ଧ୍ୟା ୮ଟା ୧୫ମିନିଟର ଠିକ୍ ପରେ ପରେ ସେହି ଦାରୁଣ ସମ୍ବାଦଟି ଆସିଲା। ବୀଣା ଅପା ଆଉ ନାହାନ୍ତି। ଡାକ୍ତରମାନଙ୍କ ଅବିଶ୍ୱାସନୀୟ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ସଂଧ୍ୟା ୮ଟା ୧୫ମିନିଟରେ ସେ ଆମକୁ ସବୁଦିନ ପାଇଁ ଛାଡି ଚାଲିଯାଇଛନ୍ତି। ସେତେବେଳେ ପାର୍ଟିର ରାଜ୍ୟ କମିଟିର ଏକ ପରିବର୍ଦ୍ଧିତ ସଭା ପ୍ରାୟ ଶେଷ ହେବାକୁ ଯାଉଥାଏ। ରାଜ୍ୟ ସଂପାଦକ ସଭା ସ୍ଥଗିତ ରଖି ଏହି ଦୁଃଖଦ ସମ୍ବାଦଟି ଦେଲେ। ସଙ୍ଗେ ସଙ୍ଗେ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଓ ଆନ୍ତର୍ଜାତିକ ସଂଗୀତ ପରିବେଷଣ କରାଯାଇ ଦୁଇ ମିନିଟ ନିରବତା ପାଳନ କରାଗଲା।

ରାଜ୍ୟ କମିଟି ସିଦ୍ଧାନ୍ତ ଅନୁଯାୟୀ, ପରଦିନ ଅର୍ଥାତ୍ ଡିସେମ୍ବର ୨୩ତାରିଖ ସକାଳ ୯ଟାରେ ପ୍ରୟାତ ନେତାଙ୍କ ପାର୍ଥିବ ଶରୀର ଭୁବନେଶ୍ୱରସ୍ଥ ପାର୍ଟି ରାଜ୍ୟ କାର୍ଯ୍ୟାଳୟକୁ ଅଣାଗଲାବେଳକୁ କାର୍ଯ୍ୟାଳୟ ପରିସର ଲୋକାରଣ୍ୟ ହେଇ ସାରିଥାଏ। ବିଦ୍ୟୁତ୍‌ବେଗରେ ଖବର ବ୍ୟାପୀ ଯାଇଥିଲା। ଶୋକସନ୍ତପ୍ତ ପାର୍ଟିର ନେତା, କର୍ମୀ, ସମର୍ଥକ, ଦରଦୀ, ବୀଣାଅପାଙ୍କୁ ଭଲପାଉଥିବା ବହୁ ଶୁଭାକାଂକ୍ଷୀ, ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ, ଗଣସଂଗଠନର ନେତୃମଣ୍ଡଳୀ, ବିଭିନ୍ନ ସ୍ତରର ବୁଦ୍ଧିଜୀବୀ, କବି, ସାହିତ୍ୟିକ ଅଧ୍ୟାପକ, ସ୍ତମ୍ଭକାର, ଜନପ୍ରତିନିଧି, ଶ୍ରମଜୀବୀ ଗୋଟିଏ କଥାରେ ସମାଜର ସର୍ବସ୍ତରର ମଣିଷ ଛୁଟି ଆସିଥିଲେ କମ୍ରେଡ୍ ବୀଣାପାଣି ଦାସଙ୍କ ଅନ୍ତିମ ଦର୍ଶନ କରି ସମ୍ମାନ ଜଣାଇବା ପାଇଁ। ବିଦାୟ ପର୍ବର କାର୍ଯ୍ୟକ୍ରମ ଆରମ୍ଭ ହେଲା। ପ୍ରଥମେ ପ୍ରୟାତ ନେତାଙ୍କ ମରଶରୀରରେ ପାର୍ଟିର ପ୍ରିୟ ଲାଲପତାକା ଅର୍ପଣ କରି ଲାଲ ସଲାମ ଜଣାଇଥିଲେ ପାର୍ଟିର କେନ୍ଦ୍ରୀୟ କମିଟି ସଭ୍ୟ ତଥା ରାଜ୍ୟ କମିଟି ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ। ଏହାପରେ ଦୁଇମିନିଟ ନିରବତା ପାଳନ କରାଯାଇଥିଲା। ପାର୍ଟି ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟା, ଅଫିସ ସଂପାଦକ କମ୍ରେଡ୍ ସ୍ୱୟଂପ୍ରଭା ନାୟକ, କମ୍ରେଡ୍ ବୀଣାପାଣି ଦାସଙ୍କ ଉପରେ ଶୋକ ପ୍ରସ୍ତାବ ପାଠ କରିବା ପରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ପାର୍ଟିର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାଷ ଘୋଷଙ୍କ ପକ୍ଷରୁ ପାଟି ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ବିଷ୍ଣୁ ଦାସ, କେନ୍ଦ୍ରୀୟ କମିଟିର ପଲିଟିବ୍ୟୁରୋ ସଭ୍ୟ କମ୍ରେଡ ସୌମେନ ବୋଷଙ୍କ ପକ୍ଷରୁ ରାଜ୍ୟ ସଂପାଦକମଣ୍ଡଳୀ ସଭ୍ୟ କମ୍ରେଡ୍ ଶମ୍ଭୁନାଥ ନାଏକ, ପଲିଟିବ୍ୟୁରୋ ସଭ୍ୟ କମ୍ରେଡ୍ ଚଣ୍ଡିଦାସ ଭଟ୍ଟାଚାର୍ଯ୍ୟଙ୍କ ପକ୍ଷରୁ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ସଦାଶିବ ଦାସ, ପଲିଟିବ୍ୟୁରୋ ସଭ୍ୟ ତଥା କେନ୍ଦ୍ରୀୟ ଅଫିସ ସଂପାଦକ କମ୍ରେଡ୍ ସ୍ୱପନ ଘୋଷଙ୍କ ପକ୍ଷରୁ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ଛବି ମହାନ୍ତି ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ।

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

*ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ବିଶିଷ୍ଟ ବୁଦ୍ଧିଜୀବୀ ମାଲ୍ୟାର୍ପଣ କରୁଛନ୍ତି*


କମ୍ରେଡ୍ ଯୁଧିଷ୍ଠିର ମହାପାତ୍ର


କମ୍ରେଡ୍ ସୁରେଶ ପାଣିଗ୍ରାହୀ


କମ୍ରେଡ୍ ସୁର ଜେନା


କମ୍ରେଡ୍ ଯମେଶ୍ୱର ସାମନ୍ତରାୟ


କମ୍ରେଡ୍ ଜ୍ୟୋତି ରଂଜନ ମହାପାତ୍ର


କମ୍ରେଡ୍ ରାଧାକାନ୍ତ ସେଠୀ


ପ୍ରଫେସର ବିରେନ୍ଦ୍ର ନାୟକ


କମ୍ରେଡ୍ ବିଜୟ ସାହୁ


ଶ୍ରୀଯୁକ୍ତ ସୁବାସ ସିଂ


ଡଃ ନାରାୟଣ ମହାନ୍ତି


ଶ୍ରୀଯୁକ୍ତ ମନୋରଞ୍ଜନ ମହାରଣା

## କମ୍ରେଡ୍ ବୀଣାପାଣି . . .

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଏହାପରେ ପାର୍ଟି କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଦ୍ୱାରିକାନାଥ ରଥ, କେନ୍ଦ୍ରୀୟ କମିଟି ସଭ୍ୟ ତଥା ରାଜ୍ୟ କମିଟି ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ, ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ବିଷ୍ଣୁ ଦାସ ଓ ଅନ୍ୟାନ୍ୟ ସଂପାଦକ ମଣ୍ଡଳୀ ସଭ୍ୟମାନେ ମାଲ୍ୟାର୍ପଣ କରିଥିଲେ। ଅନ୍ୟାନ୍ୟ ରାଜନୈତିକ ଦଳର ନେତୃବୃନ୍ଦ ସିପିଆଇ(ଏମ୍) ରାଜ୍ୟ ସଂପାଦକ କମ୍ରେଡ୍ ସୁରେଶ ପାଣିଗ୍ରାହୀ, ସିପିଆଇ ରାଜ୍ୟନେତା କମ୍ରେଡ୍ ସୁର ଜେନା, ସିପିଆଇ(ଏମ୍ଏଲ) ରାଜ୍ୟ ସଂପାଦକ କମ୍ରେଡ୍ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସଂପାଦକ କମ୍ରେଡ୍ ଜ୍ୟୋତି ରଂଜନ ମହାପାତ୍ର, ଏଆଇସିସିଟିୟୁ ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ କମ୍ରେଡ୍ ରାଧାକାନ୍ତ ସେଠୀ, ସଂପାଦକ ମହେନ୍ଦ୍ର ପରିଡା, ସିପିଆଇ(ଏମ୍) ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଯମେଶ୍ୱର ସାମନ୍ତରାୟ, ଓଡିଆ ଆଦିବାସୀ ଅଧିକାର ମଂଚ ପକ୍ଷରୁ ଚାମରୁ ସୋରେନ୍, ଏଆଇଏଏମ୍ଏସର ରାଜ୍ୟ ସାଧାରଣ ସଂପାଦିକା ଲକ୍ଷ୍ମୀ ଦୋରା, ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ବିରେନ୍ଦ୍ର ନାୟକ, ଶ୍ରୀଯୁକ୍ତ ଅନନ୍ତ ଶରଣ ପରିଡା, ପ୍ରଫୁଲ୍ଲ ଦାସ, ବିଧାୟକ ଆକାଶ ଦାସନାୟକ, ବରିଷ୍ଠ ଆଇନଜୀବି ଶ୍ରୀଯୁକ୍ତ ବିଭୁପ୍ରସାଦ ତ୍ରିପାଠୀ, ବିଶିଷ୍ଟ କବି ନିରାକାର ଦାସ, ସାମାଜିକ କର୍ମୀ ଧିରେନ୍ଦ୍ର ପଣ୍ଡା, ଏମ୍ଏସ୍ସି ରାଜ୍ୟ ସଂପାଦକ ଡକ୍ଟର ପ୍ରାଜ୍ଞ ଅର୍ନିବାଣ ଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ। ପାର୍ଟିର ରାଜ୍ୟ କମିଟି ସଭ୍ୟ ଓ ବିଭିନ୍ନ ଜିଲ୍ଲାର ନେତୃମଣ୍ଡଳୀ ମାଲ୍ୟାର୍ପଣ କରିଥିଲେ। ଗଣ ସଂଗଠନ ପକ୍ଷରୁ ଏଆଇଡିଏସ୍ଓ ରାଜ୍ୟ ସଂପାଦକ କମ୍ରେଡ୍ ସିଦ୍ଧାର୍ଥ ରଥ, ଏଆଇଡିୱାଇଓ ରାଜ୍ୟ ସଭାପତି କମ୍ରେଡ୍ ମାନସ ପାଲ, ଏଆଇଏମ୍ଏସ୍ଏସ୍ ରାଜ୍ୟ ସଂପାଦିକା ସରୋଜିନୀ ନାୟକ, ଏଆଇୟୁଟିୟୁସି ରାଜ୍ୟ ସଭାପତି କମ୍ରେଡ୍ ଶମ୍ଭୁନାଥ ନାଏକ, ଏଆଇକେକେଏମ୍ଏସ୍ ରାଜ୍ୟ ସଭାପତି କମ୍ରେଡ ସଦାଶିବ ଦାସ, ଏଆଇଏମ୍ଏସ୍ଏସର ସାଧାରଣ ସଂପାଦିକା କମ୍ରେଡ୍ ଛବି ମହାନ୍ତି ମାଲ୍ୟାର୍ପଣ କରିଥିଲେ। ମାଲ୍ୟଦାନ କାର୍ଯ୍ୟକ୍ରମ ଶେଷ ହେବାପରେ ସର୍ବହରାର ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଓ ଆନ୍ତର୍ଜାତିକ ସଂଗୀତ ଗାନ ମଧ ଦେଇ ଭୁବନେଶ୍ୱର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏହାପରେ ତାଙ୍କ ପାର୍ଥିବ ଶରୀର ଏକ ସୁସଜ୍ଜିତ ଗାଡିରେ ତାଙ୍କ ସଂଗ୍ରାମର ମୁଖ୍ୟ କର୍ମସ୍ଥଳୀ କଟକ ନିଆଯାଇଥିଲା।

ଯେଉଁ କଟକ ସହରର ପ୍ରତିଟି ଧୂଳିକଣାରେ ତାଙ୍କର ସଂଗ୍ରାମୀ ପଦଚିହ୍ନ ରହିଛି, ଯେଉଁ ମୁରାଦଖାଁ ପାଟଣାର ପ୍ରତିଟି ମଣିଷ ତାଙ୍କୁ ଝୁରି ହୁଅନ୍ତି, ସେହି ସାହିରେ ନିବନିର୍ମିତ ପାର୍ଟି କାର୍ଯ୍ୟାଳୟରେ ତାଙ୍କର ପାର୍ଥିବ ଶରୀର ପହଂଚିଲାବେଳକୁ ସମଗ୍ର ଅଂଚଳ ଶୋକାକୂଳ। ସ୍ତମ୍ଭୀଭୂତ ଜନତା ଆକୂଳ ନୟନରେ ଅପେକ୍ଷା କରିଛନ୍ତି ନିଜର ଅନ୍ତରର ଜଣେ ମଣିଷଙ୍କ ଅନ୍ତିମ ଦର୍ଶନ ପାଇଁ। ବିଭିନ୍ନ ସ୍ତରର ଲୋକଙ୍କ ଭିଡରେ ଅଫିସ ପରିସର ଫାଟି ପଡୁଥାଏ। ଅଫିସ୍ ଭିତରେ, ବାହାରେ ରାସ୍ତାରେ ସବୁଠି ଭିଡ। ପ୍ରାୟ ମଧାହ୍ନ ୧୨ଟାରୁ ଅପରାହ୍ନ୪ଟା ଯାଏ ଭିଡ କମୁନଥାଏ। ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ତଥା ପାଟିର କଟକ ଜିଲ୍ଲା କମିଟି ସଂପାଦକ କମ୍ରେଡ୍ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆରମ୍ଭହୁଏ। ମହାନ ନେତା କମ୍ରେଡ୍ ଶିବଦାସଙ୍କ ଉପରେ ରଚିତ ସଂଗୀତ, ଦୁଇମିନିଟ ନିରବତା ପାଳନ ସହିତ ମାଲ୍ୟଦାନ କାର୍ଯ୍ୟକ୍ରମ ଆରମ୍ଭ ହୁଏ। ପାର୍ଟି ରାଜ୍ୟ ନେତୃବୃନ୍ଦ ଏବଂ କଟକ ସମେତ ବିଭିନ୍ନ ଜିଲ୍ଲାରୁ ଆସି ପହଂଚିଥିବା ଶହ ଶହ ପାର୍ଟି ନେତା, ସଂଗଠକ ଓ କର୍ମୀମାନଙ୍କ ବ୍ୟତୀତ ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରି ପ୍ରୟାତ କମ୍ରେଡ ବୀଣପାଣି ଦାସଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସିପିଆଇ(ଏମ୍) ନେତା କମ୍ରେଡ୍ ରବିନାରାୟଣ ମଲ୍ଲିକ, ପୀତାମ୍ବର ଲେଙ୍କା, ପ୍ରତାପ ମହାପାତ୍ର, ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ସାମାଜିକ କର୍ମୀ ଚିତ୍ତ ମହାନ୍ତି, ସିପିଆଇ ନେତା କମ୍ରେଡ୍ କିଶୋର ଜେନା, ସୁଶାନ୍ତ ମହାପାତ୍ର, ପ୍ରସନ୍ନ ମହାପାତ୍ର, ଶ୍ରମିକ ନେତା ମନୋରଂଜନ ମହାରଣା, ସମାଜସେବୀ ଶୈଳ ବେହେରା, ମେୟର ସୁବାସ ସିଂହ, ଶିକ୍ଷାବିତ ଡକ୍ଟର ନାରାୟଣ ମହାନ୍ତି, ଡକ୍ଟର ରାଜଶ୍ରୀ ସ୍ୱାଇଁ, ଡକ୍ଟର ଦେବାଶିଷ ଆଚାର୍ଯ୍ୟ, ଡକ୍ଟର ଯୁଧିଷ୍ଠିର ଖଟୁଆ, ଡକ୍ଟର ମିନାକ୍ଷୀ ମହାପାତ୍ର, ଡକ୍ଟର ସ୍ୱର୍ଣ୍ଣପ୍ରଭା ଦାସ, ଡକ୍ଟର ଶିବଶଙ୍କର ସାହୁ, ପ୍ରଫେସର ଡଃ. ସୁବ୍ରତ ବେହେରା, ସମାଜସେବୀ ଡଲି ଦାସ, ଅନୀମା ରାୟ, ଗାନ୍ଧୀ ସ୍ମାରକନିଧିର ନେତ୍ରୀ ଶ୍ରୀମତି କ୍ରିଷ୍ଣା ମହାନ୍ତିଙ୍କ ତରଫରୁ ପ୍ରଣୟ କୁମାର ଦାସ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ଅରବିନ୍ଦ ମଲ୍ଲିକ, ଶେଲି ଦାସ, ନରେନ୍ଦ୍ର ପାଣିଗ୍ରାହୀ, ଅନନ୍ତଚରଣ ମାଝୀ, ଶରତ ସାମଲ, ଶ୍ୟାମସୁନ୍ଦର ଦାସ, ଅଧ୍ୟାପକ ଗଗନ ମିଶ୍ର, ସାମାଜିକ କର୍ମୀ ନରେନ୍ଦ୍ର ମହାନ୍ତି, ବଳରାମ ସାହୁ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପୂର୍ବତନ କର୍ପୋରେଟର ଜୟଦେବ ଜେନା, ଗିରିବାଳା ବେହେରା, ରେଣୁବାଳା ମହାନ୍ତିଙ୍କ ସମେତ ସମାଜର ବିଭିନ୍ନ କ୍ଷେତ୍ରରେ ସୁପ୍ରତିଷ୍ଠିତ ଆହୁରି ଅନେକ ବିଶିଷ୍ଟ ବ୍ୟକ୍ତି ବୃନ୍ଦ ମାଲ୍ୟାର୍ପଣ କରିଥିଲେ। ଖାନନଗର ଶ୍ମଶାନରେ ପହଂଚିବାର ଘୋଷିତ ସମୟ ପାଖେଇ ଆସୁଥାଏ। ତଥାପି ଲୋକଙ୍କ ଆସିବା ସରୁନଥାଏ। ତା' ସତ୍ତ୍ୱେ ବି ଏହି କାର୍ଯ୍ୟକ୍ରମ ସମାପ୍ତ କରାଯାଇ ଶ୍ମଶାନ ଅଭିମୁଖେ ଶେଷ ଯାତ୍ରା ଆରମ୍ଭ ହେଲା।

କାଠଯୋଡି ନଦୀ କୂଳରେ ଅବସ୍ଥିତ ଖାନନଗର ଶ୍ମଶାନରେ ପହଂଚିଲା ବେଳକୁ ସୂର୍ଯ୍ୟ ଅସ୍ତ ହୋଇସାରିଥିଲା। ସେହି ବିୟୋଗାନ୍ତକ ଶେଷ ଦୃଶ୍ୟ ପାଖେଇ ଆସୁଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଠି ମଧ ହାଜର। ଆଉ ଟିକେ ସେହି ତେଜୋଦୀପ୍ତ ସଂଗ୍ରାମୀ ମୁଖମଣ୍ଡଳଟିକୁ ଦର୍ଶନ କରିବାପାଇଁ ସେମାନେ ଯେମିତି ଆକୁଳ ହେଉଥିଲେ। ସବୁ ଆବେଗର ଜବନିକା ଟାଣି କାଳର ନିୟମରେ ଅଗ୍ନିକୁଣ୍ଡର ଅଗ୍ନିଗର୍ଭରେ ବିପ୍ଳବର ଅଗ୍ନିକନ୍ୟାଙ୍କୁ ଅର୍ପଣ କରିବାକୁ ହେବ। ପାର୍ଟିର ନେତା କର୍ମୀ, ଶୁଭେଚ୍ଛୁ ଓ ଉପସ୍ଥିତ ସମସ୍ତ ଜନତାଙ୍କ ବୁକ୍‌ଫଟା କ୍ରନ୍ଦନରେ ଆକାଶ ଭାରି ହୋଇଉଠିଲା। 'ବିପ୍ଳବୀ ରାଜନୀତି ବାହାରୁ ନିଷ୍କରୁଣ, କିନ୍ତୁ ଭିତର ଅତି କୋମଳ' କମ୍ରେଡ୍ ଶିବଦାସ ଘୋଷଙ୍କ ଏହି କଥା ମର୍ମେ ମର୍ମେ ଅନୁଭୂତ ହେଉଥିଲା। ପୁଣି ସମସ୍ତ ମାର୍କ୍ସବାଦୀ ଚିନ୍ତାନାୟକମାନଙ୍କର ଶିକ୍ଷା 'ଶୋକକୁ ଶକ୍ତିରେ ପରିଣତ କର', ବୋଧେ ଏହା ସ୍ମରଣ କରି ଶୋକାହତ କଣ୍ଠ ବଳିଷ୍ଠ ଭାବେ ଗର୍ଜି ଉଠିଲା-

**କମ୍ରେଡ୍ ବୀଣାପାଣି ଦାସ**
**ଲାଲ ସଲାମ୍**











# ବିଦ୍ୟାଳୟ ଶିକ୍ଷାରେ ଡ୍ରପ ଆଉଟ୍ ହାର ବୃଦ୍ଧି ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ଚରମ ଅବହେଳାର ପରିଣତ

ବିଦ୍ୟାଳୟ ଶିକ୍ଷାରେ ଡ୍ରପ ଆଉଟ୍ ହାରକୁ ନେଇ ପ୍ରସ୍ତୁତ ହୋଇଥିବା ସିଏଜି ରିପୋର୍ଟକୁ ଗତ ଡିସେମ୍ବର ୯ତାରିଖ ଦିନ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ୨୦୨୨-୨୩ ମସିହାରେ, ୨୦୧୮-୧୯ ମସିହା ତୁଳନାରେ ଡ୍ରପ୍ ଆଉଟ୍ ୮୬ ପ୍ରତିଶତ ଅଧିକ ବୃଦ୍ଧି ଘଟିଛି। ଅଡିଟ୍ ରିପୋର୍ଟ ଦର୍ଶାଉଛି ଯେ, ୨୦୧୮-୧୯ ଶିକ୍ଷା ବର୍ଷରୁ ୨୦୨୨-୨୩ ଶିକ୍ଷା ବର୍ଷ ଏହି ଚାରି ବର୍ଷ ମଧରେ କେବଳ ଦଶମ ଶ୍ରେଣୀରେ ପଢୁଥିବା ୨୩ଲକ୍ଷ ୬୧ ହଜାର ଛାତ୍ରଛାତ୍ରୀଙ୍କ ମଧରୁ ୨ଲକ୍ଷ ୭୪ହଜାର ଛାତ୍ରଛାତ୍ରୀ ମାଟ୍ରିକ ବୋର୍ଡ ପରୀକ୍ଷା ଦେଇନାହାନ୍ତି। ଏହାଛଡା ଏହି ଚାରିବର୍ଷ ମଧରେ ପ୍ରଥମରୁ ଏକାଦଶ ଶ୍ରେଣୀ ମଧରେ ଯେତେ ପିଲା ନାମ ଲେଖାଇଥିଲେ ତା'ମଧରୁ ପ୍ରାୟ ୫ଲକ୍ଷ ୪୨ହଜାର ଛାତ୍ରଛାତ୍ରୀ ପରବର୍ତ୍ତୀ ଶ୍ରେଣୀକୁ ଯାଇପାରି ନାହାଁନ୍ତି।

ସେହିପରି ସଂସଦରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଗଷ୍ଟ ୧୮ତାରିଖ ଦିନ ଉପସ୍ଥାପିତ ରିପୋର୍ଟ ଅନୁଯାୟୀ ଗତ ୫ବର୍ଷ ମଧରେ ସାରା ଦେଶରେ ୬୫ଲକ୍ଷ ୭୦ହଜାର ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡି ଦେଇଛନ୍ତି। କେବଳ ଗୁଜୁରାଟରେ ଯେଉଁଠି ବିଜେପିର ଡବଲ ଇଂଜିନ ସରକାର ବହୁ ଦଶନ୍ଧି ଧରି ଚାଲିଛି ସେଠାରେ ଚଳିତବର୍ଷ ହିଁ ୨ଲକ୍ଷ ୪୦ହଜାର ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡିଛନ୍ତି ଯାହାକି ସାରା ଦେଶରେ ସର୍ବାଧିକ।

ତେବେ ପ୍ରଶ୍ନ ଉଠୁଛି ଯେ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଛନ୍ତି କାହିଁକି ? ସିଏଜି ରିପୋର୍ଟରେ ଯେଉଁ ସବୁ କାରଣମାନ ଦର୍ଶାଯାଇଛି, ତନ୍ମଧରୁ ଦୁଇଟି ମୁଖ୍ୟ କାରଣ ହେଉଛି ଆମ ରାଜ୍ୟ ବା ଦେଶରେ ଉତ୍କଟ ଦାରିଦ୍ର୍ୟ ଏବଂ ଅନ୍ୟଟି ହେଉଛି ଘର ପାଖରେ ବିଦ୍ୟାଳୟ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଗତ କିଛି ବର୍ଷ ମଧରେ ସାରା ଦେଶରେ ଲକ୍ଷ ଲକ୍ଷ ସ୍କୁଲ ବନ୍ଦ କରିସାରିଲେଣି। ଓଡିଶାରେ ୨୦୧୩ ମସିହା ପରଠାରୁ ଏପର୍ଯ୍ୟନ୍ତ ପ୍ରାୟ ୧୫ ହଜାରରୁ ଅଧିକ ସ୍କୁଲ ବନ୍ଦ କରାଯାଇଛି। ଏହାବ୍ୟତୀତ ଆହୁରି ହଜାର ହଜାର ସ୍କୁଲକୁ ମଧ ବନ୍ଦ କରିବା ପାଇଁ ରାଜ୍ୟ ବିଜେପି ସରକାର ଯୋଜନା କରୁଛନ୍ତି। ଘର ପାଖରେ ଥିବା ସ୍କୁଲ ବନ୍ଦ ହୋଇଯିବା ଫଳରେ ୪-୫କିଲୋମିଟରରୁ ଅଧିକ ଦୂରରେ ଥିବା ବିଦ୍ୟାଳୟକୁ ନିଜର ପିଲାମାନଙ୍କୁ ପଠାଇବା ପାଇଁ ଅଭିଭାବକ ମାନେ ସୁରକ୍ଷିତ ମଣୁ ନାହାନ୍ତି। ଆଦିବାସୀ ଅଧ୍ୟୁଷିତ ଅଂଚଳ କଥା ନକହିଲେ ଭଲ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷାମାରଣ ନୀତି ଫଳରେ ରାଜ୍ୟରେ ତଥା ସମଗ୍ର ଦେଶରେ ଡ୍ରପ୍ ଆଉଟ୍ ସଂଖ୍ୟା ବଢୁଛି ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ ଏହାର ପ୍ରଭାବ ପଡୁଛି। ଏଣୁ ସରକାର ଶିକ୍ଷାର ସମସ୍ତ ଆର୍ଥିକ ଦାୟିତ୍ୱ ନେଇ ବନ୍ଦ ହୋଇଥିବା ସମସ୍ତ ସ୍କୁଲ ସମେତ ଅଧିକ ସଂଖ୍ୟକ ନୂତନ ସ୍କୁଲ ନ ଖୋଲିଲେ ଆହୁରି ଭୟାବହ ହେବ। ★★★

# କେଉଁଝରରେ ପୁଞ୍ଜିପତିମାନଙ୍କ ଦ୍ୱାରା କୃଷି ଜମି ହଡ଼ପ ରୋକିବା ପାଇଁ ଆଦିବାସୀ ଜନସାଧାରଣ ଲଢେଇ ଜାରି ରଖିଛନ୍ତି

ଓଡ଼ିଶାର ବିଜେପି ସରକାର କେଉଁଝର ଜିଲ୍ଲାର ପାଟନା ବ୍ଲକର ଅଠରଟି ଗାଁର ପ୍ରାୟ ୧୧,୦୦୦ ଏକର ଉର୍ବର କୃଷି ଜମିକୁ ବଳପୂର୍ବକ ଅଧିଗ୍ରହଣ କରି ଜିନ୍ଦଲ - ପୋସ୍କୋ କଂପାନୀ କୁ ହସ୍ତାନ୍ତର କରିବାକୁ ଘୋଷଣା କରିଛି। ଏହି ଘୋଷଣା ଜାନୁଆରୀ ୨୦୨୫ରେ କରାଯାଇଥିଲା। ଏହାର ପ୍ରତିବାଦରେ ସେହି ଅଂଚଳର ସାଧାରଣ ଲୋକଙ୍କ ମଧ୍ୟରେ, ବିଶେଷକରି ଆଦିବାସୀ ଚାଷୀ ଏବଂ କୃଷି ଶ୍ରମିକଙ୍କ ମଧ୍ୟରେ ପ୍ରବଳ କ୍ରୋଧ ପ୍ରକାଶ ପାଇଛି ଏବଂ ଏହି ଯୋଜନାକୁ କୌଣସି ପରିସ୍ଥିତିରେ କାର୍ଯ୍ୟକାରୀ ହେବାକୁ ଦିଆଯିବ ନାହିଁ ବୋଲି ସେମାନେ ପ୍ରତିଜ୍ଞା କରିଛନ୍ତି। ସୂଚନାଯୋଗ୍ୟ, ୨୦୦୬ ମସିହାରେ ରାଜ୍ୟର ତତ୍କାଳୀନ ବିଜେଡି - ବିଜେପି ମିଳିତ ସରକାର ଏହି ଅଂଚଳରେ ମିତ୍ତଲ କଂପାନୀକୁ ଜମି ଦେବାକୁ ନିଷ୍ପତ୍ତି କରିଥିଲା। ସେତେବେଳେ ସେହି ଅଂଚଳର ଚାଷୀ ଏବଂ କୃଷି ଶ୍ରମିକମାନେ ଏହି ନିଷ୍ପତ୍ତି ବିରୁଦ୍ଧରେ ଏକ ବୀରତ୍ୱପୂର୍ଣ୍ଣ ଲଢେଇ କରିଥିଲେ। ସେହି ସଂଘର୍ଷ ଦୀର୍ଘ ୭ ବର୍ଷ ଧରି ଚାଲିଥିଲା ଏବଂ ଆନ୍ଦୋଳନ ଚାପରେ ୨୦୧୩ ମସିହାରେ ମିତ୍ତଲ କଂପାନୀ ଏବଂ ତତ୍କାଳୀନ ଓଡ଼ିଶା ସରକାର ଶେଷରେ ପଛଘୁଂଚା ଦେଇଥିଲେ । ବର୍ତ୍ତମାନ ପୁନର୍ବାର ରାଜ୍ୟ ବିଜେପି ସରକାର ଜିନ୍ଦଲ-ପୋସ୍କୋ କଂପାନୀଗୁଡ଼ିକୁ ସମାନ ଜମି ଦେବାକୁ ଚେଷ୍ଟା କରୁଛି। ବିଜେପି ସରକାର ଏବଂ ବହୁରାଷ୍ଟ୍ରୀୟ କଂପାନୀଗୁଡ଼ିକର ଯୁକ୍ତି ହେଉଛି ଇସ୍ପାତ କାରଖାନା ହେଲେ ନୂଆ ନିଯୁକ୍ତି ସୃଷ୍ଟି ହେବ। ତେବେ ଏହି ଯୁକ୍ତିର ଅସାରତା ଦେଶର ଜନସାଧାରଣଙ୍କ ନିକଟରେ ସ୍ପଷ୍ଟ। ବାସ୍ତବତା ହେଉଚି ଗତ ଏଗାର ବର୍ଷର କେନ୍ଦ୍ର ବିଜେପି ଶାସନରେ ଦୁଇ ଲକ୍ଷରୁ ଅଧିକ କାରଖାନା ବନ୍ଦ ହୋଇଯାଇଛି। ଏହାଛଡା ଧକେଇ ଧକେଇ ଚାଲୁଥିବା କାରଖାନାଗୁଡ଼ିକରେ ଶ୍ରମିକମାନଙ୍କୁ ନିର୍ବିଚାର ଭାବରେ ଛଟେଇ କରାଯାଉଛି। ପୂର୍ବରୁ ରାଉରକେଲା ଇସ୍ପାତ କାରଖାନାରେ କାମ କରୁଥିବା ଶ୍ରମିକଙ୍କ ସଂଖ୍ୟା ୩୬ ହଜାର ଥିଲା, କିନ୍ତୁ ବର୍ତ୍ତମାନ ଶ୍ରମିକଙ୍କ ସଂଖ୍ୟା ମାତ୍ର ୯ ହଜାରରେ ପହଂଚିଛି। ଏହା ସହିତ, ଓଡ଼ିଶାରେ ବନ୍ଦ ହୋଇଥିବା କାରଖାନାର ସଂଖ୍ୟା ଅଗଣିତ। ଗତ ୨୫ ବର୍ଷ ମଧ୍ୟରେ ରାଜ୍ୟର ୯ ବର୍ଷର ବିଜେଡି - ବିଜେପି ମିଳିତ ସରକାର ଓ ୧୫ ବର୍ଷର ଏକକ ବିଜେଡି ସରକାର ର ଶାସନ କାଳରେ ଶିଳ୍ପାୟନ ଓ ନିଯୁକ୍ତି ସୃଷ୍ଟି ଆଳରେ ଏହିଭଳି ହଜାର ହଜାର ଏକର ଚାଷ ଜମି ପୁଞ୍ଜିପତି ମାନଙ୍କୁ ହସ୍ତାନ୍ତର କରାଯାଇଛି। ଜମି ଅଧିଗ୍ରହଣ ପାଇଁ ଅକଥନୀୟ ପୋଲିସ ଅତ୍ୟାଚାର କରାଯାଇଛି, ଏପରିକି ଗୁଳିକରି ଏକାଥରକେ ୧୩ଜଣ ଆନ୍ଦୋଳନକାରୀଙ୍କୁ କଳିଙ୍ଗନଗରଠାରେ ହତ୍ୟା କରାଯାଇଛି। ତେବେ ସରକାର ଯଦି କେଉଁଝର ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ତାହେଲେ ଜିଲ୍ଲାରେ ବିପୁଳ ପରିମାଣର ଅନୁର୍ବର ଜମି ଅଛି। ସେଠାରେ ଶିଳ୍ପ ସ୍ଥାପନ କରିବାରେ ଅସୁବିଧା କେଉଁଠି ? ପାଟନା ବ୍ଲକର ଠିକ୍ ସେହି ସ୍ଥାନରେ ହିଁ କାରଖାନା ପ୍ରତିଷ୍ଠା ପାଇଁ କଂପାନୀ ମାନଙ୍କର ଏତେ ଜିଦ୍ କାହିଁକି ? ସରକାର ଓ କଂପାନୀ ମାନଙ୍କ ଷଡ଼ଯନ୍ତ୍ର ବିରୁଦ୍ଧରେ ସାଧାରଣ ଲୋକମାନେ ସଂଗଠିତ ହୋଇ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଂଚ ଗଠନ କରିଛନ୍ତି। ଏହି ସଂଗଠନ ନେତୃତ୍ୱରେ ହଜାର ହଜାର ଗ୍ରାମବାସୀ ବିଡିଓ କାର୍ଯ୍ୟାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ, ଏପରିକି ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଏବଂ ଜମି ଦେବେ ନାହିଁ ବୋଲି ଲିଖିତ ଭାବରେ ସରକାରଙ୍କୁ ଜଣେଇ ଦେଇଛନ୍ତି। କିନ୍ତୁ ସରକାର ମାନେ ହେଉଛନ୍ତି ମାଲିକ ଶ୍ରେଣୀର ସେବକ। ତେଣୁ ବହୁରାଷ୍ଟ୍ରୀୟ କଂପାନୀଗୁଡ଼ିକର ମାଲିକଙ୍କ ସ୍ୱାର୍ଥ ମଧ୍ୟ ସେମାନଙ୍କର ସ୍ୱାର୍ଥ। ଫଳରେ, ବିଜେପି ସରକାର ସମସ୍ତ ଶକ୍ତି ଦେଇ ପ୍ରତିବାଦ କରୁଥିବା ଗାଁ ଲୋକଙ୍କ ଉପରେ ପୋଲିସ ଦ୍ୱାରା ଆକ୍ରମଣ କରୁଛି। ବିଭିନ୍ନ ପ୍ରଲୋଭନ ଦେଖାଇ ସେହି ଅଂଚଳରେ କିଛି ଦଲାଲ ସୃଷ୍ଟି କରିବାକୁ କଂପାନୀ ଓ ସ୍ଥାନୀୟ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠି ଉଦ୍ୟମ କରୁଛନ୍ତି। ପୋଲିସର ସିଧାସଳଖ ସମର୍ଥନରେ ସେମାନେ ଆନ୍ଦୋଳନକାରୀ ମାନଙ୍କୁ ଧମକ ଦେବା, ମାଡ଼ ମାରିବା ଏବଂ ଭୟଭୀତ କରିବା ଆରମ୍ଭ କରିଛନ୍ତି। ନଭେମ୍ବର ୨୬ ତାରିଖ ସଶସ୍ତ୍ର ପୋଲିସର ୨୯ଟି ଗାଡ଼ି ସମସ୍ତ ଗ୍ରାମକୁ ଘେରି ଯାଇଥିଲା। ସେମାନେ ଘରର ଦ୍ୱାର ଏବଂ ଝରକା ଭାଙ୍ଗି ଆନ୍ଦୋଳନର ନେତା, ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଂଚର ସଂପାଦକ ବେଣୁଧର ସର୍ଦ୍ଦାରଙ୍କୁ ଗିରଫ କରିଥିଲେ। ତାଙ୍କ ଭାଇଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ବିଭିନ୍ନ ଗ୍ରାମରୁ ଅନ୍ୟ ଚାରି ଜଣ ଆନ୍ଦୋଳନର ନେତାଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ହତ୍ୟା ଉଦ୍ୟମ, ଡକାୟତି, ରାହାଜାନୀ ଇତ୍ୟାଦି ମିଥ୍ୟା ଅଭିଯୋଗରେ ଗିରଫ କରାଯାଇ ଆଜି ପର୍ଯ୍ୟନ୍ତ ଜେଲ୍‌ରେ ରଖାଯାଇଛି। ଆହୁରି ୩୪ ଜଣଙ୍କ ବିରୁଦ୍ଧରେ ଏଫଆଇଆର ରୁଜୁ କରାଯାଇଛି। ଗାଁ ଗାଁ ରେ ପୋଲିସର ଆତଙ୍କ ଚାଲିଛି। ଗାଁ ଲୋକଙ୍କୁ ଆତଙ୍କିତ କରିବା, ସେମାନଙ୍କୁ ମାନସିକ ଭାବରେ ଦୁର୍ବଳ କରିବା ଆତ୍ମ ସମର୍ପଣ ପାଇଁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଏହି ଧରଣର ପୋଲିସ ଆକ୍ରମଣ ଚାଲିଛି। ମାତ୍ର ସରକାର ଓ କଂପାନୀ ମାନଙ୍କର ସମସ୍ତ ଷଡ଼ଯନ୍ତ୍ର ପଣ୍ଡ ହୋଇଛି ସମସ୍ତ ଭୟ ଏବଂ ପ୍ରଲୋଭନକୁ ଅଣଦେଖା କରି, ଆନ୍ଦୋଳନର ନେତା ମାନଙ୍କ ଗିରଫଦାରୀ ପରଦିନ ନଭେମ୍ବର ୨୬ ତାରିଖରେ ହଜାର ହଜାର ଲୋକ ପୋଲିସ ଷ୍ଟେସନକୁ ଘେରାଉ କରିଛନ୍ତି। ଏହି ଆନ୍ଦୋଳନ ସହିତ ସଂହତି ପ୍ରଦର୍ଶନ କରି ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତୃତ୍ୱ ଡିସେମ୍ବର ୧ ତାରିଖରେ ସଂପୃକ୍ତ ଅଂଚଳକୁ ଗସ୍ତ କରିଥିଲେ। ସଂଯୁକ୍ତ କିଶାନ୍ ମୋର୍ଚ୍ଚାର ତୁଙ୍ଗ ନେତା ତଥା ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୂର ସଙ୍ଗଠନର ସର୍ବଭାରତୀୟ ସଭାପତି କମ୍ରେଡ୍ ସତ୍ୟବାନ, କମ୍ରେଡ ସଦାଶିବ ଦାସ, ରାଜେନ୍ଦ୍ର ବର୍ମା ଓ ରଣଜିତ୍ ପ୍ରଧାନ ଏକ ପ୍ରତିନିଧି ଦଳରେ ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ସେମାନଙ୍କ ଆନ୍ଦୋଳନକୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କମ୍ରେଡ୍ ସତ୍ୟବାନ ଏବଂ ଅନ୍ୟ ଚାଷୀ ନେତାମାନେ ଗାଁ ଲୋକଙ୍କ ସହିତ ଆଲୋଚନା କରି ଫେରିବା ରାସ୍ତାରେ କେତେକ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଘେରି ଯାଇଥିଲେ, ସେମାନଙ୍କୁ ଶାରୀରିକ ଆକ୍ରମଣ କରିଥିଲେ ଏବଂ ବଳପୂର୍ବକ ନିକଟସ୍ଥ ତୁରୁମୁଙ୍ଗା ପୋଲିସ ଷ୍ଟେସନକୁ ନେଇଯାଇଥିଲେ। ସେଠାରେ ପୋଲିସ ସେମାନଙ୍କୁ ଦୀର୍ଘ ସମୟ ପାଇଁ ବେଆଇନ ଭାବରେ ଅଟକ ରଖିଥିଲା। ଅସାମାଜିକ ବ୍ୟକ୍ତି ମାନେ ଥାନା ମଧ୍ୟରେ ପୋଲିସ ଉପସ୍ଥିତିରେ ଚାଷୀ ନେତା ମାନଙ୍କୁ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିଥିଲେ, ସେମାନଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ପୋଲିସର ଭୂମିକା ବାସ୍ତବରେ ଅସାମାଜିକ ଯୁବକ ମାନଙ୍କପାଇଁ ସହାୟକ ଥିଲା। କମ୍ରେଡ୍ ସତ୍ୟବାନ ଏବଂ ଅନ୍ୟ ଚାଷୀ ନେତାଙ୍କ ଉପରେ ଆକ୍ରମଣ ଖବର ଗାଁରେ ପହଂଚିବା ପରେ ଶହ ଶହ ଲୋକ, ମୁଖ୍ୟତଃ ମହିଳା ମାନେ ପୋଲିସ ଷ୍ଟେସନ ଘେରାଉ କରିବାପାଇଁ ଆସୁଥିବା ଖବରପାଇ ପୋଲିସ ଚାଷୀ ନେତାମାନଙ୍କୁ ଛାଡିବାକୁ ବାଧ୍ୟ ହେଲା ଏବଂ ଅସାମାଜିକ ଯୁବକ ମାନେ ସେ ଜାଗା ଛାଡ଼ି ଚାଲିଯିବାକୁ ବାଧ୍ୟ ହେଲେ। ଘଟଣାର ନିନ୍ଦା କରି ଏବଂ ଦୋଷୀମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଦାବି କରି ସଂଯୁକ୍ତ କିଷାନ ମୋର୍ଚ୍ଚା, ଏଆଇକେକେଏମଏସ ଓ ମାନବାଧିକାର ସଂଗଠନ ସିପିଡିଆରଏସ ସମେତ ଚଉଦଟି ସର୍ବଭାରତୀୟ କୃଷକ ସଂଗଠନ ବିବୃତି ଜାରି କରିଛନ୍ତି ଏବଂ ବଳପୂର୍ବକ ଜମି ଅଧିଗ୍ରହଣ ବିରୁଦ୍ଧରେ ଗ୍ରାମବାସୀଙ୍କୁ ବୃହତ୍ତର ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ ଦେଇଛନ୍ତି। ଗ୍ରାମବାସୀମାନେ ମଧ୍ୟ ଜୀବନ ଦେବୁ ପଛେ ଭିଟାମାଟି ଛାଡିବୁନାହିଁ ବୋଲି ଦୃଢ କଣ୍ଠରେ ଘୋଷଣା କରିଛନ୍ତି।

## କେନ୍ଦୁଝର ଜିଲ୍ଲାରେ ପୋଲିସ ଅତ୍ୟାଚାର ବିରୁଦ୍ଧରେ ସିପିଡିଆରଏସ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର



କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍ ଅନ୍ତର୍ଗତ ଜମୁନାପୋଷୀ ଓ ଚେମେଣା ପଂଚାୟତରେ ଚାଷ ଜମି ଅଧିଗ୍ରହଣ କରି ସେହି ଜମି ଜିନ୍ଦଲ - ପୋସ୍କୋ କଂପାନୀକୁ ହସ୍ତାନ୍ତର କରିବାପାଇଁ ସରକାରୀ ନିଷ୍ପତ୍ତିକୁ ସ୍ଥାନୀୟ ଲୋକ ବିରୋଧ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ସେହି ଅଂଚଳର ବ୍ୟାପକ ପରିମାଣର ଉର୍ବର ଜମିରୁ ଲୋକଙ୍କୁ ଉଚ୍ଛେଦ କରିବାପାଇଁ ସରକାର ପଶୁବଳ ପ୍ରୟୋଗ କରୁଛି। ଆଇନ ଶୃଙ୍ଖଳା ରକ୍ଷା କରିବା ଆଳରେ ସମଗ୍ର ଅଂଚଳରେ ବ୍ୟାପକ ପୋଲିସ ସଂତ୍ରାସ ସୃଷ୍ଟି କରାଯାଉଛି, ଜନସାଧାରଣଙ୍କ ସ୍ୱାଭାବିକ ଜୀବନଯାତ୍ରାକୁ ସଂପୂର୍ଣ୍ଣ ବ୍ୟାହତ କରାଯାଉଛି, ଏପରିକି ଗାଁ ଦାଣ୍ଡରେ ଲୋକଙ୍କୁ ସ୍ୱଛନ୍ଦରେ ଚଳପ୍ରଚଳ କରିବା କ୍ଷେତ୍ରରେ ପୋଲିସ ବାଧା ସୃଷ୍ଟି କରୁଛି, ବଳପୂର୍ବକ ଜମି ଅଧିଗ୍ରହଣକୁ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ବିରୋଧ କରୁଥିବା ଆନ୍ଦୋଳନର ନେତା ମାନଙ୍କ ନାମରେ ମିଛ ମକଦ୍ଦମା ରୁଜୁ କରାଯାଉଛି। ଡିସେମ୍ବର ୯ ତାରିଖରେ ସଂଯୁକ୍ତ କିଶାନ ମୋର୍ଚ୍ଚାର ସର୍ବଭାରତୀୟ ବରିଷ୍ଠ ନେତା ଶ୍ରୀଯୁକ୍ତ ସତ୍ୟବାନଙ୍କ ନେତୃତ୍ୱରେ ଏକ ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳ ସଂପୃକ୍ତ ଅଂଚଳର ଗ୍ରାମବାସୀ ମାନଙ୍କୁ ସାକ୍ଷାତ କରିବାପାଇଁ ଯମୁନାପୋଷି ଗ୍ରାମକୁ ଯାଇଥିଲେ। ଗ୍ରାମବାସୀ ମାନଙ୍କୁ ସାକ୍ଷାତ କରି ଭୁବନେଶ୍ୱର ଫେରିବା ବାଟରେ କେତେକ ଅସାମାଜିକ ବ୍ୟକ୍ତି ସେମାନଙ୍କ ଗାଡିକୁ ବଳପୂର୍ବକ ଅପହରଣ କରିଥିଲେ ଏବଂ ଶ୍ରୀଯୁକ୍ତ ସତ୍ୟବାନ୍‌ଙ୍କ ଉପରେ ଦୈହିକ ଆକ୍ରମଣ କରିଥିଲେ। ଯାହା ଆହୁରି ଆଶ୍ଚର୍ଯ୍ୟଜନକ ଓ ନିନ୍ଦନୀୟ ତାହା ହେଉଚି ଅପହରଣକାରୀ ମାନେ ଉପରୋକ୍ତ ନେତୃବୃନ୍ଦଙ୍କୁ ଅପହରଣ କରି ତୁରୁମୁଙ୍ଗା ଥାନାକୁ ନେଇଥିଲେ । ଥାନା ଭିତରେ ପୋଲିସ ଅଧିକାରୀ ମାନଙ୍କ ଉପସ୍ଥିତିରେ ପ୍ରାୟ ୩ ଘଂଟା ଧରି ସଂପୃକ୍ତ ଦୁର୍ବୃତ୍ତ ମାନେ ବରିଷ୍ଠ କୃଷକ ନେତା ମାନଙ୍କୁ କଦର୍ଯ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ମାତ୍ର ଦୁର୍ବୃତ୍ତ ମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦୂରେଥାଉ ତୁରୁମୁଙ୍ଗା ଥାନା ଅଧିକାରୀ ଦୁର୍ବୃତ୍ତ ମାନଙ୍କୁ ଉତ୍ସାହିତ କରିଥିଲେ। ପୋଲିସର ଏତାଦୃଶ ଅଗଣତାନ୍ତ୍ରିକ, ଜନବିରୋଧୀ ଓ ବେଆଇନ କାର୍ଯ୍ୟକଳାପକୁ ସିପିଡିଆରଏସ୍ (ସେଣ୍ଟର ଫର ପ୍ରୋଟେକ୍ସନ ଅଫ ଡେମୋକ୍ରାଟିକ୍ ରାଇଟ୍ସ ଆଣ୍ଡ ସେକ୍ୟୁଲାରିଜିମ୍) ପକ୍ଷରୁ ଦୃଢ଼ ନିନ୍ଦା କରିବା ସଂଗେସଂଗେ ସଂପୃକ୍ତ ଅଂଚଳରେ ତୁରନ୍ତ ପୋଲିସ ସଂତ୍ରାସ ବନ୍ଦ କରିବା,ବେଆଇନ ଭାବରେ ଗିରଫ କରାଯାଇଥିବା ସମସ୍ତ ଆନ୍ଦୋଳନକାରୀଙ୍କୁ ବିନା ସର୍ତ୍ତରେ ଖଲାସ କରିବା, ଅପହରଣ ସମେତ ବିଭିନ୍ନ ଜଘନ୍ୟ ଅପରାଧରେ ଜଡ଼ିତ ତଥା ଦୁର୍ବୃତ୍ତ ମାନଙ୍କ ପୃଷ୍ଠପୋଷକତା କରୁଥିବା ତୁରୁମୁଙ୍ଗା ଥାନା ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କୃଷକ ନେତା ମାନଙ୍କୁ ଅପହରଣ କରିଥିବା ଦୁର୍ବୃତ୍ତ ମାନଙ୍କ ବିରୁଦ୍ଧରେ ତୁରନ୍ତ ବିହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଡିସେମ୍ବର ୧୫ ତାରିଖରେ ଦାବିପତ୍ର ଦିଆଯାଇଛି। ଶ୍ରୀଯୁକ୍ତ ଚିତ୍ତରଞ୍ଜନ ମହାନ୍ତି, ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମହାନ୍ତି, ଡାକ୍ତର ବିଶ୍ୱଜିତ୍, ବିଶିଷ୍ଟ ଆଇନଜୀବୀ ସୁକାନ୍ତ ନାୟକ,ଅରବିନ୍ଦ ମଲ୍ଲିକ, ପ୍ରତାପ ମିଶ୍ର ଓ ମାନବାଧିକାର କର୍ମୀ ଅକ୍ଷୟ ରାଉଳ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଏକ ପ୍ରତିନିଧି ଦଳରେ ଯାଇ ଦାବିପତ୍ର ଦେଇଥିଲେ।ଏହାପରେ ବିଶିଷ୍ଟ ଆଇନଜୀବୀ କ୍ଷୀରୋଦ ରାଉତ, କ୍ଷୀରୋଦ ମହାପାତ୍ର, ଆଇନଜୀବୀ ପ୍ରତାପ ମିଶ୍ର ଓ ଡକ୍ଟର ବିଶ୍ୱଜିତ୍‌ଙ୍କ ନେତୃତ୍ୱରେ ଡିସେମ୍ବର ୨୧ ତାରିଖରେ ସିପିଡିଆରଏସର ଏକ କ୍ଷେତ୍ର ପ୍ରଦର୍ଶନକାରୀ ଦଳ ସଂପୃକ୍ତ ଅଂଚଳ ଗସ୍ତକରି ଆନ୍ଦୋଳନକାରୀ ଜନ ଜନସାଧାରଣ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ।

# ସାରା ଭାରତ ଶିକ୍ଷା ବଂଚାଅ କମିଟି ପକ୍ଷରୁ ଜାତୀୟ ଶିକ୍ଷାନୀତି -୨୦୨୦ ସଂର୍ପକରେ ଆଲୋଚନା ଚକ୍ର




ସାରା ଭାରତ ଶିକ୍ଷା ବଂଚାଅ କମିଟି ଉଦ୍ୟୋଗରେ ଜାନୁଆରୀ ୨୪ ତାରିଖରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଜନ ସଂସଦ ପାଇଁ ପ୍ରସ୍ତୁତି ଉପଲକ୍ଷେ ସଙ୍ଗଠନର କଟକ ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଗୋପାଳପୁରଠାରେ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଡିସେମ୍ବର ୨୫ ତାରିଖରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅବସପ୍ରାପ୍ତ ବିଶିଷ୍ଟ ଶିକ୍ଷକ ଶ୍ରୀଯୁକ୍ତ ରଞ୍ଜନ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ସାରା ଭାରତ ଶିକ୍ଷା ବଂଚାଅ କମିଟି ରାଜ୍ୟ ଉପ-ସଭାପତି ବିଶ୍ୱାବସୁ ଦାସ, ସଂପାଦକ ସୁବାସ ଚନ୍ଦ୍ର ନାୟକ ଓ ରାଜ୍ୟ ଅଫିସ ସଂପାଦକ ତଥା କଟକ ଜିଲ୍ଲା ସଂପାଦକ ବବି ବଳବନ୍ତରାୟ ବକ୍ତା ଭାବରେ ଯୋଗ ଦେଇଥିଲେ। ବିଶିଷ୍ଟ କବି ଅକ୍ଷୟ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ବ୍ରଜ କିଶୋର ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ସି. ଆର. ଦାସ, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଦାସ, ଜୟନ୍ତ କୁମାର ଦାସ, ସୁକାନ୍ତ ଚନ୍ଦ୍ର ଷଡଙ୍ଗୀ, ପ୍ରଦୀପ୍ତ କୁମାର ପଣ୍ଡା, ସନାତନ ଦାସ, ଭାବଗ୍ରାହୀ ଦାସ, ରୁଦ୍ର ନାରାୟଣ ଲେଙ୍କା, କଲ୍ୟାଣୀ ରାଉତ, ଶିକ୍ଷକ ଅନିତା ମଣ୍ଡଳ, ଗନ୍ଧର୍ବ ଚରଣ ଦାସ, ଆନନ୍ଦ ଚନ୍ଦ୍ର ବେହେରା, ପ୍ରଭାତ କୁମାର ମହାନ୍ତି ଏବଂ ସଂଗଠନର ଜିଲ୍ଲା କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଦ୍ଧିତ ସିକ୍ୟୁରିଟି ଜମା ବିରୋଧରେ ସାରା ଭାରତ ବିଦ୍ୟୁତ ଉପଭୋକ୍ତା ମଂଚ ପକ୍ଷରୁ ବିକ୍ଷୋଭ




ଟାଟା କଂପାନୀ ପକ୍ଷରୁ ରାଜ୍ୟର ସମସ୍ତ ଗ୍ରାହକ ମାନଙ୍କ ଠାରୁ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ପାଇଁ ଉପଭୋକ୍ତାଙ୍କୁ ନୋଟିସ ଆସୁଛି। ଏହା ବୋଝ ଉପରେ ନଳିତା ବିଡା ସଦୃଶ ଏବଂ ଖାଉଟି ଶୋଷଣର ଉପାୟ ବୋଲି ସାରା ଭାରତ ବିଦ୍ୟୁତ୍ ଉପଭୋକ୍ତା ମଂଚ ପକ୍ଷରୁ ପ୍ରକାଶ କରାଯାଇଛି। ସ୍ମାର୍ଟ୍ ମିଟର ପ୍ରଚଳନ ଓ ବର୍ଦ୍ଧିତ ସିକ୍ୟୁରିଟି ଜମା ନିଷ୍ପତ୍ତି ଏବଂ କଟକ ରେଳବାଇ ବସ୍ତିର ପ୍ରାୟ ୫୦ ଟି ଘରକୁ ଗୋଟିଏ ମାତ୍ର ବିଜୁଳି ସଂଯୋଗ ଦେଇ ଦରିଦ୍ର ବସ୍ତି ବାସିନ୍ଦାଙ୍କୁ ଶୋଷଣ କରିବା ପ୍ରତିବାଦରେ ନଭେମ୍ବର ୧୭ ତାରିଖରେ ବିଦ୍ୟୁତ ଉପଭୋକ୍ତା ମଂଚ ପକ୍ଷରୁ କଟକ ରାଣୀହାଟ ବିଦ୍ୟୁତ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସାରା ଭାରତ ବିଦ୍ୟୁତ ଉପଭୋକ୍ତା ମଂଚ ଜିଲ୍ଲା ଆବାହକ ଖଗେଶ୍ୱର ସେଠୀ, ବିଶ୍ୱାବସୁ ଦାସ, ଦୀପକ ଦାସ, ସୁକାନ୍ତ ନାୟକ, ଆନନ୍ଦ ନାୟକ, ପ୍ରକାଶ ନାୟକ, ଗୌତମ ବଙ୍ଗାରି, ପି ମଂଟୁ, ଶାମା ବଙ୍ଗାରି, ରଞ୍ଜୁ ଦେଇ, ବିନି ନାୟକ, ପ୍ରତିମା ନାୟକ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ବିକ୍ଷୋଭ ସ୍ଥଳରୁ ବିଦ୍ୟୁତ୍ ବିଭାଗର ସୁପରିଟେଣ୍ଡିଂ ଇଞ୍ଜିନିୟରଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

# ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ପାଚିକା ସହାୟିକା ସଂଘ ପକ୍ଷରୁ କଟକରେ ବିକ୍ଷୋଭ




ଡିସେମ୍ବର ୨୬ ତାରିଖରେ ଏଆଇୟୁଟିୟୁସି ସହବନ୍ଧିତ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ କଟକ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ୧୭ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି। ମଧ୍ୟାହ୍ନ ଭୋଜନ କାମ ବ୍ୟତୀତ ଅନ୍ୟାନ୍ୟ କାମରେ ପାଚିକାଙ୍କୁ ନିୟୋଜନ ବନ୍ଦ କରିବା, ପିଲାସଂଖ୍ୟା ଅନୁସାରେ ପାଚିକା ନିଯୁକ୍ତି କରିବା, କାମ କରିବା ଦିନଠାରୁ ପାରିଶ୍ରମିକ ପ୍ରଦାନ କରିବା, ଆବଶ୍ୟକ ଥିବା ସ୍କୁଲରେ ଛଟେଇ ହୋଇଥିବା ପାଚିକାମାନଙ୍କୁ ନିଯୁକ୍ତି ଦେବା, ଲଡୁ ତିଆରି ପାଇଁ ପାଚିକାମାନଙ୍କୁ ପାରିଶ୍ରମିକ ପ୍ରଦାନ କରିବା, ଆକ୍ରୋଶମୂଳକ ଛଟେଇ ବନ୍ଦ କରିବା, ୨୮ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ପାଇ ନଥିବା ପାଚିକାଙ୍କୁ ଅବିଳମ୍ବେ ପ୍ରାପ୍ୟ ପ୍ରଦାନ କରିବା, ପ୍ରତିମାସର ପ୍ରଥମ ସପ୍ତାହରେ ପାରିଶ୍ରମିକ ପ୍ରଦାନ କରିବା, ବନ୍ଦ ହୋଇଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲିବା, ପାଚିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ସବନିମ୍ନ ମଜୁରୀ ମାସକୁ୨୮ ହଜାର ଟଙ୍କା ପ୍ରଦାନ କରିବା, ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ କରିବା, ପାଚିକାମାନଙ୍କୁ ୪ବର୍ଷର ବକେୟା ଶାଢୀ ପ୍ରଦାନ କରିବା, ପାଚିକାମାନଙ୍କୁ ଛୁଟି ନେବାର ବ୍ୟବସ୍ଥା କରିବା, ପାଚିକାମାନଙ୍କର ଅବସର ନେବା ବୟସ ୬୫ବର୍ଷ କରିବା ସହିତ ଅବସରକାଳୀନ ସହାୟତା ରାଶି ପ୍ରଦାନ କରିବା, ମଧ୍ୟାହ୍ନଭୋଜନକୁ ଅକ୍ଷୟପାତ୍ର, ନନ୍ଦୀ ଫାଉଣ୍ଡେସନଠାରୁ ଫେରାଇ ଆଣି ସରକାରଙ୍କ ଅଧିନରେ ରଖିବା, ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା ଆଦି ଦାବି ଉପସ୍ଥାପନ କରାଯାଇଛି। ସଂଘର ଜିଲ୍ଲା ସଭାପତି ରାଜକିଶୋର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଏସୟୁସିଆଇ(ସି) ଜିଲ୍ଲା ସଂପାଦକ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ, ଶ୍ରମିକ ନେତା ପ୍ରିୟଦର୍ଶନ ପାଢେଲ, ପାଚିକା ସହାୟିକା ସଂଗଠକ ସ୍ୱାଧିନୀ ବେହେରା, ମାଳବିକା ସାମଲ, ଅକ୍ଷୟ ରାଉଳ, ଦିଲ୍ଲୀପ ବାରିକ, ଇତିଶ୍ରୀ ଜେନା, ଲାବଣ୍ୟପ୍ରଭା ଦାସ, ମଞ୍ଜୁ ବେହେରା, ସୁଷମା ଦାସ, ଶାନ୍ତିଲତା ରାଉତ, ସସ୍ମିତା ଓଝା, କଳ୍ପନା ନାୟକ, ତିଳତମା ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଘରକୁ ରାସ୍ତାଦେବାକୁ ଦାବିକରି ବ୍ୟାସନଗର ତହସିଲ ସମ୍ମୁଖରେ ଧାରଣା




ଯାଜପୁର ରୋଡ ଏନ ସି ହାଇସ୍କୁଲ ର ଜାଗାକୁ ଜବରଦଖଲରୁ ମୁକ୍ତ କରିବା ଆଳରେ ଜିଲ୍ଲା ପ୍ରଶାସନ ଲୋକଙ୍କୁ ଥଇଥାନ ନ କରି ସେମାନଙ୍କ ଘର ଭାଙ୍ଗି ଦେଇଛନ୍ତି। ପଟ୍ଟାଥିବା ସ୍ଥାନରେ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେଠାରେ ବସବାସ କରୁଥିଲେ ମଧ ବର୍ତ୍ତମାନ ସେମାନଙ୍କ ଘର ସମ୍ମୁଖରେ ପ୍ରଚେରୀ ନିର୍ମାଣ କରି ଅବୈଧ ଅବରୋଧ କରାଯାଇଛି। ବାଧ୍ୟହୋଇ ପଦ୍ମନାଭ ମୁଖୀ, କିଶୋର ମୁଖୀ, ବି ଶେଖର ରାଓ, କାଳିଆ ମୁଖୀ, ଅଞ୍ଜନା ମୁଖୀ, ଚନ୍ଦା ମୁଖୀଙ୍କ ସହିତ ଛୋଟ ପିଲା ମହିଳା ବୟସ୍କ ଲୋକମାନେ ବ୍ୟାସନଗର ତହସିଲ ଅଫିସ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିଛନ୍ତି। ଅବିଳମ୍ବେ ପ୍ରଶାସନ ତାଙ୍କ ଦାବି ଶୁଣିବା ପାଇଁ ଯାଜପୁର ରୋଡର ଶୁଭବୁଦ୍ଧି ସଂପନ୍ନ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

## ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

କାର୍ଯ୍ୟକଳାପ ପୁନର୍ବାର ଆରମ୍ଭ କରାଗଲା ଏବଂ କମ୍ରେଡ ତାପସ ଦତ୍ତ ରାଜ୍ୟରେ ମହିଳା ସଂଗଠନ ଗଢ଼ିତୋଳିବା ଦାୟିତ୍ୱ କମ୍ରେଡ ବୀଣାପାଣି ଦାସ ଙ୍କ ଉପରେ ନ୍ୟସ୍ତ କଲେ। ପରବର୍ତ୍ତୀ ସମୟରେ ବିଗତ ଶତାବ୍ଦୀର ନବେ ଦଶକର ପ୍ରାରମ୍ଭିକ କାଳରେ କଟକ ଠାରେ ଅନୁଷ୍ଠିତ ସଂଗଠନର ପ୍ରଥମ ରାଜ୍ୟ ସମ୍ମିଳନୀରେ କମ୍ରେଡ ବୀଣାପାଣି ଦାସ ସଂଗଠନର ପ୍ରଥମ ରାଜ୍ୟ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ ଏବଂ ୨୦୨୪ ଜାନୁଆରୀ ମାସ ପର୍ଯ୍ୟନ୍ତ ସେଇ ପଦ ଓ ଦାୟିତ୍ୱରେ ରହିଥିଲେ।

ବିଗତ ଶତାବ୍ଦୀର ସତୁରୀ ଦଶକର ଶେଷ ଭାଗରେ କମ୍ରେଡ ବୀଣାପାଣି ଦାସ ଏସ୍‌ୟୁସିଆଇ(ସି) ରାଜ୍ୟ ସାଂଗଠନିକ କମିଟିର ସଭ୍ୟ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ୧୯୮୭ ମସିହା ଡିସେମ୍ବର ମାସରେ କଟକଠାରେ ଅନୁଷ୍ଠିତ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରଥମ ରାଜ୍ୟ ସମ୍ମିଳନୀରେ ସେ ଓଡ଼ିଶା ରାଜ୍ୟ କମିଟିର ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ଯଥାକ୍ରମେ ଅନୁଗୁଳ ଓ ଭୁବନେଶ୍ୱରଠାରେ ଅନୁଷ୍ଠିତ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଦ୍ୱିତୀୟ ଓ ତୃତୀୟ ରାଜ୍ୟ ସମ୍ମିଳନୀରେ ମଧ୍ୟ ସେ ରାଜ୍ୟ କମିଟି ସଭ୍ୟ ଭାବରେ ପୁନଃ ନିର୍ବାଚିତ ହୋଇଥିଲେ। ୨୦୧୮ ମସିହାରେ ସେ ପାର୍ଟିର ରାଜ୍ୟ ସଂପାଦକ ମଣ୍ଡଳୀ ର ସଦସ୍ୟ ହୋଇଥିଲେ।

ଓଡ଼ିଶାରେ ବହୁ ଗଣତାନ୍ତ୍ରିକ ଆନ୍ଦୋଳନରେ କମ୍ରେଡ ବୀଣାପାଣି ଦାସ ଉଲ୍ଲେଖନୀୟ ଭୂମିକା ପାଳନ କରିଥିଲେ। ସେ ଓଡ଼ିଶାରେ ଜେପି ଆନ୍ଦୋଳନର ଅଗ୍ରଭାଗରେ ଥିଲେ। ସେହି ଆନ୍ଦୋଳନରେ ସକ୍ରିୟ ଭୂମିକା ପାଳନ କରି ସେ ଓଡ଼ିଶାର ଦୁଇଜଣ ବିଶିଷ୍ଟ ଓ ସମ୍ମାନିତ ମାନବତାବାଦୀ ତଥା ରାଜନୈତିକ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓ ଶ୍ରୀମତୀ ମାଳତୀ ଚୌଧୁରୀଙ୍କ ଶ୍ରଦ୍ଧା ଭାଜନ ହୋଇଥିଲେ। ରାଜ୍ୟର ଶୋଷିତ ଜନସାଧାରଣଙ୍କ ମଧ୍ୟରେ ବିପ୍ଳବୀ ମହିଳା ସଂଗଠନ ଏଆଇଏମ୍ଏସଏସ ଏବଂ ଦେଶର ଏକମାତ୍ର ସଠିକ୍ ବିପ୍ଳବୀ ପାର୍ଟି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)କୁ ଗଢିତୋଳିବା ପାଇଁ ସେ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଯାଉଥିଲେ। ଜଣେ ବିଶ୍ୱସ୍ତ, ବିଶ୍ୱାସଯୋଗ୍ୟ ଏବଂ ମର୍ଯ୍ୟାଦାବନ୍ତ ବିପ୍ଳବୀ ଭାବରେ ରାଜ୍ୟର ସମସ୍ତ କମ୍ରେଡ୍, ବିଶେଷକରି ମହିଳା କମ୍ରେଡ୍ ମାନେ କମ୍ରେଡ୍ ବୀଣାପାଣି ଦାସଙ୍କର ସାଢେ ପାଂଚ ଦଶଂଧିରୁ ଉର୍ଦ୍ଧ୍ୱ ସମୟବ୍ୟାପୀ ଗୌରବୋଜ୍ଜ୍ୱଳ ବିପ୍ଳବୀ ଜୀବନ ସଂଗ୍ରାମ – ଯେଉଁ ସଂଗ୍ରାମରେ ତାଙ୍କ ପରିବାର ଆମ ପାର୍ଟିର ସମଗ୍ର ପାର୍ଟି ପରିବାର ସହିତ ଏକୀଭୂତ ହୋଇଥିଲା ଏବଂ ଯେଉଁ ଉଦାହରଣକୁ ସମସ୍ତେ ନିଜ ଜୀବନରେ ପ୍ରୟୋଗ କରିବା ଆବଶ୍ୟକ, ସେହି ସଂଗ୍ରାମରୁ ଶିକ୍ଷା ଗ୍ରହଣ କରିବା ଉଚିତ।

କମ୍ରେଡ୍ ବୀଣାପାଣି ବୀଣାପାଣି ଦାସଙ୍କ ଜୀବନାବସାନରେ ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ଗଭୀରତମ ଶୋକ ବ୍ୟକ୍ତ କରୁଛି ଏବଂ ୨୦୨୫ ଡିସେମ୍ବର ୨୩ ତାରିଖରେ ଗୋଟିଏ ଦିନ ପାଇଁ ସମଗ୍ର ରାଜ୍ୟର ସମସ୍ତ ପାର୍ଟି ଅଫିସରେ ମହାନ ରକ୍ତ ପତାକାକୁ ଅର୍ଦ୍ଧନମିତ କରି ଏବଂ ସମସ୍ତ କମ୍ରେଡ୍ କଳାବ୍ୟାଜ ପରିଧାନ କରି ଶୋକ ପାଳନ ମଧଦେଇ ପ୍ରୟାତ ନେତାଙ୍କ ପ୍ରତି ସମ୍ମାନପୂର୍ଣ୍ଣ ବିପ୍ଳବୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ମହାନ କମ୍ୟୁନିଷ୍ଟ ଆଦର୍ଶ ଭିତ୍ତିରେ କମ୍ରେଡ୍ ବୀଣାପାଣି ଦାସଙ୍କ ସାଢେ ପାଞ୍ଚ ଦଶଂଧିରୁ ଉର୍ଦ୍ଧ୍ୱ ସମୟବ୍ୟାପୀ ଗୌରବୋଜ୍ଜ୍ୱଳ ବିପ୍ଳବୀ ସଂଗ୍ରାମକୁ ଆମ ପାର୍ଟି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଗଭୀର ସମ୍ମାନର ସହିତ ସ୍ମରଣ ରଖିବ।ଷ୍ଟ

**କମ୍ରେଡ ବୀଣାପାଣି ଦାସ**

**ଲାଲ ସଲାମ**

★★★

Regd.No-ORI ORI/2011/37220 • VOL. NO. 13, ISSUE NO. 18 • ମୂଲ୍ୟ-୫ଟଙ୍କା

# ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ଡାକରାରେ ରାଜ୍ୟ ବ୍ୟାପୀ ଦାବି ସପ୍ତାହ ପାଳିତ





ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟିର ଉଦ୍ୟୋଗରେ ରାଜଧାନୀ ଭୁବନେଶ୍ୱର ଠାରେ ଜନସାଧାରଣଙ୍କ ଜ୍ୱଳନ୍ତ ସମସ୍ୟାର ସମାଧାନ ଦାବିରେ ନଭେମ୍ବର ୨୫ ତାରିଖରେ ଏକ ବିଶାଳ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଛି। ଏହି ସମାବେଶରେ ରାଜ୍ୟର ପ୍ରତ୍ୟନ୍ତ ପଲ୍ଲୀରୁ ୨୫ ହଜାରରୁ ଅଧିକ ଲୋକ ଯୋଗଦେଇଥିଲେ। କୃଷି ଶ୍ରମିକ, ଶିଳ୍ପ ଶ୍ରମିକ, ଠିକା କର୍ମଚାରୀ, ଆଉଟ ସୋର୍ସ କର୍ମଚାରୀ, ଗିଗ ଶ୍ରମିକ, ସ୍କିମ ୱାର୍କର, କ୍ଷୁଦ୍ର ଓ ନାମମାତ୍ର ଚାଷୀ, କ୍ଷେତ ମଜଦୂର, ବେକାରୀର ଜ୍ୱାଳାରେ ଅତିଷ୍ଠ ଯୁବକ ଓ ଛାତ୍ର ଛାତ୍ରୀ ମାନଙ୍କ ଉଦାତ୍ତ କଣ୍ଠରେ ସେଦିନ ରାଜଧାନୀର ଗଗନ ପବନ ପ୍ରକଂପିତ ହୋଇଥିଲା। ପାର୍ଟିର ନେତୃବୃନ୍ଦ ସମବେତ ଜନତାକୁ ଉଦବୋଧନ ଦେଇଥିଲେ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଓ ପଦକ୍ଷେପ ବିରୁଦ୍ଧରେ ଦୁର୍ବାର ଜନ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଡାକରା ଦେଇଥିଲେ। ସେହି ମଂଚରୁ ହିଁ ଡିସେମ୍ବର ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତୃଣମୂଳ ସ୍ତରରୁ ରାଜ୍ୟର ପ୍ରତିଟି ବ୍ଲକ୍ ଓ ତହସିଲ ରେ ସ୍ଥାନୀୟ ଓ ରାଜ୍ୟସ୍ତରୀୟ ଦାବି ଉପରେ ରାଜ୍ୟସ୍ତରୀୟ ଦାବି ସପ୍ତାହ ପାଳନ ପାଇଁ ଡାକରା ଦିଆଯାଇଥିଲା। ପାର୍ଟି ରାଜ୍ୟ କମିଟିର ଡାକରା ଅନୁଯାୟୀ କୋରାପୁଟ, ରାୟଗଡ଼ା, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଜଗତସିଂପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେଉଁଝର, ଅନୁଗୁଳ, ବଲାଙ୍ଗୀର, ସୁନ୍ଦରଗଡ଼ ପ୍ରଭୃତି ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ତହସିଲରେ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମର ଫଟୋ ପାଠକ ମାନଙ୍କ ଅବଗତି ନିମନ୍ତେ ଏଠାରେ ସ୍ଥାନିତ କରାଯାଇଛି।





# ଅଲଇଣ୍ଡିଆ ଜନଅଧିକାର ସୁରକ୍ଷା କମିଟି ପକ୍ଷରୁ ଶହୀଦ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ରାଂଚିଠାରେ ମହାସମାରୋହରେ ଉଦ୍‌ଯାପିତ

ବ୍ରିଟିଶ ବିରୋଧି 'ଉଲଗୁଲାନ୍' ବିଦ୍ରୋହର ମହାନାୟକ ସଂଗ୍ରାମୀ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଗତ ଡିସେମ୍ବର ୧୫ରେ ରାଂଚିଠାରେ ବିପୁଳ ଉତ୍ସାହ ଉଦ୍ଦିପନା ସହକାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଥମଦିନ ଏକ ବିଶାଳ ଶୋଭାଯାତ୍ରା ରାଂଚି ସହରରେ ପରିକ୍ରମା କରିଥିଲା। ଏଥିରେ ୧୨ଟି ରାଜ୍ୟର ପ୍ରତିନିଧିଙ୍କ ସମେତ ଝାଡଖଣ୍ଡ, ପଶ୍ଚିମବଙ୍ଗ, ବିହାରରୁ ପ୍ରାୟ ୨ହଜାର ଜଙ୍ଗଲ ଅଧିବାସୀ ତଥା ଶୋଷିତ ନିପୀଡିତ ଖଟିଖିଆ ମେହେନତି ଜନସାଧାରଣ ଯୋଗ ଦେଇଥିଲେ। ତା'ପରେ ବି.ବି ହାଇସ୍କୁଲ ପରିସରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ବିଶିଷ୍ଟ ସାମାଜିକ କର୍ମୀ ଶ୍ରୀମତୀ ପାନମଣି ମୁଣ୍ଡା। ସଭାକୁ ଉଦ୍‌ଘାଟନ କରିଥିଲେ ଝାଡଖଣ୍ଡର ବିଶିଷ୍ଟ କବି ତଥା ସଂଗୀତକାର ପଦ୍ମଶ୍ରୀ ମଧୁ ମାନସୁରୀ।




ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଶ୍ୟାମାପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଶ୍ରୀଯୁକ୍ତ ସତ୍ୟନାରାୟଣ ମୁଣ୍ଡା। ବକ୍ତବ୍ୟ କରିଥିଲେ ବିନୋବାଭାବେ ବିଶ୍ୱବିଦ୍ୟାଳୟର ଡ. ମିଥିଳେସ୍ କୁମାର, ରାଂଚି ବିଶ୍ୱବିଦ୍ୟାଳୟର ଉର୍ଦ୍ଦୁଭାଷା ବିଭାଗ ମୁଖ୍ୟ ରିଜୱାନ ଅଲ୍ଲୀ, ଏ.ଆଇଜେ.ଏ.ଏସ୍.ସି ପଶ୍ଚିମବଙ୍ଗ ରାଜ୍ୟ ସଂପାଦକ ପରନାଣ ହାଂସଦା ଓ ସଂଗଠନର ଓଡିଶା ରାଜ୍ୟ ଆବାହକ ସଦାଶିବ ଦାସ। ୨ୟ ଦିନ ୧୫ ଡିସେମ୍ବର ରାଞ୍ଚି ନଗର ପାଳିକା ହଲଠାରେ 'ବିର୍ସାମୁଣ୍ଡାଙ୍କ ଜୀବନ ସଂଗ୍ରାମ ତଥା ଆଜିକାର ପରିସ୍ଥିତି ଓ ଆମର କର୍ତ୍ତବ୍ୟ' ବିଷୟ ଉପରେ ଏକ ସେମିନାର ଆୟୋଜନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷତା କରିଥିଲେ ଏଆଇଜେଏଏସ୍‌ସିର ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଶମ୍ଭୁନାଥ ନାଏକ। ଏହି ସେମିନାରରେ ବକ୍ତବ୍ୟ ରଖିଥିଲେ ବରିଷ୍ଠ ସାହିତ୍ୟିକ ଶ୍ରୀଯୁକ୍ତ ମହାଦେବ ଟୋପ୍ପୋ, ସଂଗଠନର ସାଧାରଣ ସଂପାଦକ ବିଶ୍ୱମ୍ବର ମୁରା କାର୍ଯ୍ୟକ୍ରମ ପରିଚାଳନା, ଧନ୍ୟବାଦ ଅର୍ପଣ କରିଥିଲେ ସଂଗଠନର ଉପସଭାପତି ଦୀପକ କୁମାର। ଅଂଚଳର ଯୁବକ ଯୁବତୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭାରେ ବିର୍ସାମୁଣ୍ଡଙ୍କ ଜୀବନ ସଂଗ୍ରାମରୁ ଶିକ୍ଷାନେଇ ଆଜିକାର ପରିସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଜନ ବିରୋଧି ଜଙ୍ଗଲ ଆଇନ ପ୍ରଣୟନ କରି ଯେଉଁଳି ଜଙ୍ଗଲ ତଥା ଦେଶର ପ୍ରାକୃତିକ ସଂପଦକୁ ମୁନାଫା ପାଇଁ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେଉଛନ୍ତି, ତା ବିରୁଦ୍ଧରେ ସମସ୍ତ ଜଙ୍ଗଲ ଅଧିବାସୀ ତଥା ଦେଶର ଶୋଷିତ ନିପୀଡିତ ଜନସାଧାରଣ ଐକ୍ୟବଦ୍ଧ ଗଣଆନ୍ଦୋଳନ ପଥରେ ଆଗେଇ ଯିବାକୁ ବକ୍ତାମାନେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

★★★

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das